### ୧୯ରେ ସେବାଦଳ ସଦ୍‌ଭାବନା ସମାବେଶ ପାଇଁ ବୈଠକ

ଭୁବନେଶ୍ୱର,(ବ୍ୟୁରୋ): ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ସଦ୍‌ଭାବନା ସମାବେଶ ଡିସେମ୍ବର ୨୬ରେ ହେବ। ଏହି ସମାବେଶ ପାଇଁ ପ୍ରସ୍ତୁତି ବୈଠକ ଆସନ୍ତା ୧୯ ତାରିଖ ପୂର୍ବାହ୍ନରେ କଂଗ୍ରେସ ଭବନରେ ଅନୁଷ୍ଠିତ ହେବ। ଏଥିରେ ଅଖିଳ ଭାରତ କଂଗ୍ରେସ କମିଟିର ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲା କୁମାର, ଏଆଇସିସି ସମ୍ପାଦକ ଜି. ରୁଦ୍ରରାଜୁ ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ସମେତ ସେବାଦଳର ଷ୍ଟିୟରିଂ କମିଟି କର୍ମକର୍ତ୍ତା ଓ କାର୍ଯ୍ୟକାରୀ ମୁଖ୍ୟ ସଂଗଠକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ସେବାଦଳ ଅଧକ୍ଷ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ଆଜି ରାତି ୧୧ ଯାଏ ମହାପ୍ରଭୁଙ୍କ ଦର୍ଶନ ମିଳିବ

ପୁରୀ ଅଫିସ, ୧୭ା୧୧: ପଞ୍ଚକରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବରୁ ଜାରି ହୋଇଥିବା ଏସ୍‌ଓପିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ବୁଧବାର ଓ ଗୁରୁବାର ଦୁଇଦିନ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାରେ ୨ଘଣ୍ଟା ବୃଦ୍ଧି କରାଯାଇଛି। ଏନେଇ ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନୂତନ ଏସ୍‌ଓପି ଅନୁଯାୟୀ ବୁଧବାର ଶ୍ରଦ୍ଧାଳୁମାନେ ରାତି ୯ଟା ପରିବର୍ତ୍ତେ ରାତି ୧୧ଟା ପର୍ଯ୍ୟନ୍ତ ଦର୍ଶନ କରିଥିଲେ। ସେହିପରି ଗୁରୁବାର ସକାଳ ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ତେବେ ପୂର୍ବ ନିଷ୍ପତ୍ତି ଅନୁଯାୟୀ କାର୍ତ୍ତିକ ପୂର୍ଣ୍ଣିମା ଦିନ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଚଳିତ ବର୍ଷ ଭକ୍ତମାନେ ମହାପ୍ରଭୁଙ୍କ ସୁନାବେଶରୁ ବଞ୍ଚିତ ହେବେ।

### ଏଆଇଏମ୍‌ସି ସମ୍ପାଦିକା ହେଲେ ସସ୍ମିତା ବେହେରା

ଭୁବନେଶ୍ୱର,୧୭ା୧୧(ବ୍ୟୁରୋ): ଅଖିଳ ଭାରତ ମହିଳା କଂଗ୍ରେସ କମିଟି (ଏଆଇଏମ୍‌ସି)ର ଅତିରିକ୍ତ ପଦବୀ ପାଇଁ ବୁଧବାର ପ୍ରସ୍ତାବିତ ନାମଗୁଡ଼ିକୁ ଏଆଇସିସି ସଭାନେତ୍ରୀ ସୋନିଆ ଗାନ୍ଧୀ ଅନୁମୋଦନ କରିଛନ୍ତି। ଏଆଇଏମ୍‌ସିର ସାଧାରଣ ସମ୍ପାଦିକ ଭାବେ ପର୍‌ପୀତ ବ୍ରାର୍, ସାହାନାଜ ୟାସିମ ହକ୍ ଓ ପ୍ରତିମା ସିଂ ମନୋନୀତ ହୋଇଛନ୍ତି। ସେହିପରି ସମ୍ପାଦିକା ଭାବେ ଓଡ଼ିଶାରୁ ସସ୍ମିତା ବେହେରାଙ୍କ ସମେତ ୫ ଜଣଙ୍କୁ ଓ ରାଷ୍ଟ୍ରୀୟ ସଂଯୋଜିକା ଭାବେ ୮ ଜଣଙ୍କ ନାମ ଘୋଷଣା କରାଯାଇଛି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ. ସି. ଭେନୁଗୋପାଳ ସୂଚନା ଦେଇଛନ୍ତି।

### ନାବାଳିକା ଅପହରଣ, ଅଭିଯୁକ୍ତ ପୁରୀରୁ ଗିରଫ

ଭୁବନେଶ୍ୱର,୧୭ା୧୧(ବ୍ୟୁରୋ): ନାବାଳିକା ଅପହରଣ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ନୟାପଲ୍ଲୀ ଥାନା ପୋଲିସ ପୁରୀରୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦକା ଥାନା ଅନ୍ଧାରୁଆ ଅଞ୍ଚଳ ଦିପାଞ୍ଜଳୀ ଆପାର୍ଟମେଣ୍ଟରେ ରହୁଥିବା ଖୋର୍ଦ୍ଧା ଜିଲା ବେଗୁନିଆ ଥାନାର ନିଗମାନନ୍ଦ ବେହେରା(୨୨)। ଅପରପକ୍ଷରେ ପୀଡ଼ିତା ନାବାଳିକାଙ୍କୁ ଡାକ୍ତରି ପରୀକ୍ଷା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଥାନାର ୧୪ ବର୍ଷୀୟ ନାବଳିକା ପଟିଆ ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲରେ ପଢ଼ନ୍ତି। ଅଭିଯୁକ୍ତ ନିଗମାନନ୍ଦ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରଖି ସୋମବାର ଅପହରଣ କରି ନେଇଯାଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ.୫୩୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଫୋନ୍ ଟ୍ରାକରୁ ସେ ପୁରୀ ଜିଲା କୋନାର୍କ ଲଜ୍‌ରେ ନାବାଳିକାଙ୍କୁ ନେଇ ରଖିଥିବା ପୋଲିସ ଜାଣିବାକୁ ପାଇ ମଙ୍ଗଳବାର ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲା।

# ବ୍ୟାଙ୍କ ପ୍ରତିନିଧି ସାଜିବେ ମିଶନ ଶକ୍ତି ସଦସ୍ୟ

ଭୁବନେଶ୍ୱର, ୧୭ା୧୧(ବ୍ୟୁରୋ)

### ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଆବଶ୍ୟକସ୍ଥଳେ ମିଶନ ଶକ୍ତି ସଦସ୍ୟଙ୍କ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଅ। ଏହାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବ୍ୟାଙ୍କ ସୁବିଧା ନ ଥିବା ପଞ୍ଚାୟତରେ ମିଶନ ଶକ୍ତି ସଦସ୍ୟଙ୍କୁ ବ୍ୟାଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟଙ୍କୁ ସରକାରୀ ବିଭାଗ କାମ ଯୋଗାଇ ଦେବା ସମ୍ପର୍କରେ ଆୟୋଜିତ ସମୀକ୍ଷା କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ଆଲୋଚନାରେ ଭାଗନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ରାଜ୍ୟ ସରକାରଙ୍କ ସବୁ ବିଭାଗ ମିଶନ ଶକ୍ତି ଗୋଷ୍ଠୀର ମା' ମାନଙ୍କୁ କାମ ଯୋଗାଇ ଦେବାପାଇଁ ୩ ବର୍ଷ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ମିଶନ ଶକ୍ତି ବିଭାଗ ସଚିବ ସୁଜାତା କାର୍ତ୍ତିକେୟନ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ୧୩ଟି ବିଭାଗ ୧ଲକ୍ଷ ୪ ହଜାର ୭୧୨ ମିଶନ ଶକ୍ତି ଗୋଷ୍ଠୀକୁ ୧୨୦୦ କୋଟି ଟଙ୍କାର ବିଜ୍‌ନେସ୍ ଯୋଗାଇ ଦେଇଛନ୍ତି। ଗୋଷ୍ଠୀ ସଦସ୍ୟମାନେ ୨୯୬ କୋଟି ଟଙ୍କାର ରୋଜଗାର ପାଇଛନ୍ତି। ରାଜ୍ୟର ୬,୭୯୮ ପଞ୍ଚାୟତରୁ ମାତ୍ର ୨,୧୪୯ ଗ୍ରାମରେ ବ୍ୟାଙ୍କ ଶାଖା ରହିଛି। ୪,୬୪୯ ପଞ୍ଚାୟତରେ ବ୍ୟାଙ୍କ ଶାଖା ନାହିଁ। ଏସବୁ ପଞ୍ଚାୟତରେ ମିଶନ ଶକ୍ତି ସଦସ୍ୟଙ୍କୁ ବ୍ୟାଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଜାରିରହିଛି। ଅଦ୍ୟାବଧି ୧,୨୬୨ ନିଯୁକ୍ତି ଦିଆସରିଛି। ୩,୫୦୮ ଗୋଷ୍ଠୀର ମା'ମାନଙ୍କର ଚୟନ ପ୍ରକ୍ରିୟା ଚାଲିଛି। ନିଯୁକ୍ତି ପାଇଥିବା ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାସିକ ୨୦୦୦ ଟଙ୍କା ଲେଖାଏ ଯୋଗାଇ ଦିଆଯାଉଛି ବୋଲି ମିଶନ ଶକ୍ତି ସଚିବ ସୂଚନା ଦେଇଛନ୍ତି। ଯେଉଁ ବିଭାଗ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରିନାହାନ୍ତି, ସେମାନଙ୍କ ପାଇଁ ଖୁବ୍ ଶୀଘ୍ର ଆଉ ଏକ ସମୀକ୍ଷା ବୈଠକ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ। ଉନ୍ନୟନ କମିଶନର ପି.କେ. ଜେନାଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଉପସ୍ଥିତ ଥିଲେ।



ଲଘୁଚାପ ବର୍ଷାରେ ଧାନ ଫସଲ କ୍ଷତିଗ୍ରସ୍ତ ଯୋଗୁ ଚାଷୀମାନେ ସହାୟତା ଓ ସମ୍ପୂର୍ଣ୍ଣ ଋଣ ଛାଡ଼ ଦାବିରେ ଗଜାଧାନ ଧରି ବୁଧବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ଘରୋଇ ସ୍କୁଲ ସ୍ୱୀକୃତି ନବୀକରଣ ପାଇଁ ବୋର୍ଡର ନିର୍ଦ୍ଦେଶ

କଟକ ଅଫିସ,୧୭ା୧୧

ଘରୋଇ ସ୍କୁଲଗୁଡ଼ିକର ସ୍ୱୀକୃତି ନବୀକରଣ ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମଙ୍ଗଳବାର ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱୀକୃତି ନ ଥିବା ସ୍କୁଲଗୁଡ଼ିକ ନୂତନ ଭାବେ ଆବେଦନ କରିପାରିବେ। ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ନବୀକରଣ ଏବଂ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ନୂତନ ଆବେଦନ କରିହେବ। ବୋର୍ଡ ପକ୍ଷରୁ ସ୍ୱୀକୃତିପତ୍ର ପାଇବା ପାଇଁ ସ୍କୁଲଗୁଡ଼ିକ ଲାଗି ସ୍ୱତନ୍ତ୍ର ଫି' ନିର୍ଦ୍ଧାରଣ କରାଯାଇଛି। ନବୀକରଣ ପାଇଁ ୪ହଜାର ଟଙ୍କା ଓ ନୂତନ ସ୍ୱୀକୃତି ପାଇଁ ୬ହଜାର ଟଙ୍କା ଅନ୍‌ଲାଇନ ମାଧ୍ୟମରେ ଦେବାକୁ ପଡ଼ିବ। ଡିଇଓଙ୍କ ନିକଟରେ ଆବେଦନପତ୍ରର ନକଲ ଡିସେମ୍ବର ୧୫ ତାରିଖ ପୂର୍ବରୁ ଦାଖଲ କରିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବୋର୍ଡ ସମ୍ପାଦକ ଶ୍ରୀକାନ୍ତ ତରାଇ ନିର୍ଦ୍ଦେଶ ଦେଇଛନ୍ତି। ପରେ ଡିଇଓମାନେ ଆବେଦନପତ୍ରକୁ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ଡିସେମ୍ବର ୨୫ ତାରିଖ ସୁଦ୍ଧା ଦାଖଲ କରିବେ। ଏହାପରେ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆବେଦନପତ୍ରକୁ ଆସନ୍ତା ଜାନୁୟାରୀ ୧ ତାରିଖ ପୂର୍ବରୁ କଟକସ୍ଥିତ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ ପାଇଁ କୁହାଯାଇଛି। ତେବେ କେଉଁ ସ୍କୁଲଗୁଡ଼ିକ ଏଥିପାଇଁ ଆବେଦନ କରିପାରିବେ ଏ ସମ୍ପର୍କିତ ଗାଇଡ୍‌ଲାଇନ ବୋର୍ଡ ପକ୍ଷରୁ ଜାରି କରାଯାଇଛି। କେବଳ ଘରୋଇ ସ୍କୁଲଗୁଡ଼ିକ ସ୍ୱୀକୃତି ଜରୁରୀ ବୋଲି ଚିଠିରେ ଦର୍ଶାଯାଇଛି। ଆବେଦନ ପରେ ଯେଉଁ ସ୍କୁଲଗୁଡ଼ିକ ସ୍ୱୀକୃତି ପାଇବ ତାହାର ତାଲିକା ଏବଂ ଫି' ଦାଖଲର ରସିଦ୍ ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

# ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପାଇବେ ହଜାରେ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୭ା୧୧(ବ୍ୟୁରୋ)

### ଜିଲା ଶିକ୍ଷାଧିକାରୀଙ୍କ ସମୀକ୍ଷା ବୈଠକ

- କନିଷ୍ଠ ମେଧାବୃତ୍ତି ପାଇଁ ଅନ୍‌ଲାଇନ୍ ଆବେଦନ ଆରମ୍ଭ
- ପ୍ରତି ମାସ ୨ୟ ଶନିବାର ଅଭିଭାବକ-ଶିକ୍ଷକ ବୈଠକ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଜିଲା ଶିକ୍ଷା ଅଧିକାରୀଙ୍କ ସମୀକ୍ଷା ବୈଠକ ଭର୍ଚ୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୧ ହଜାର ମେଧାବୀ ଛାତ୍ରୀଛାତ୍ରଙ୍କୁ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପ୍ରଦାନ କରାଯିବ। ଏଥିପାଇଁ ୧,୦୬୫ଜଣ ଆବେଦନ କରିଛନ୍ତି। ଶିକ୍ଷାନୁଷ୍ଠାନର ଅଧକ୍ଷମାନେ ଏହାର ତର୍ଜମା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରମୁଖ ଶାସନ ସଚିବ ସୂଚନା ଦେଇଛନ୍ତି। ଉଚ୍ଚ ମାଧ୍ୟମିକ ସ୍ତରରେ ୧୦ ହଜାର ଛାତ୍ରୀଛାତ୍ରଙ୍କୁ ୨ ବର୍ଷ ପାଇଁ କନିଷ୍ଠ ମେଧାବୃତ୍ତି ପ୍ରଦାନ ଲାଗି ଅନ୍‌ଲାଇନ୍ ଆବେଦନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ବ୍ୟତୀତ ଏନ୍‌ଆର୍‌ଟିଏସ୍ ପରୀକ୍ଷା ଲାଗି ବିଧିବଦ୍ଧ ଭାବେ ବିଏସ୍‌ଇ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଫ୍‌ଏଲ୍‌ଏନ୍‌କୁ ଗୁରୁତ୍ୱ ପ୍ରଦାନ କରାଯିବା ସହ ଏସ୍‌ସିଇଆର୍‌ଟି ଏବଂ ଓସେପା ମିଳିତ ଭାବେ ଏହି କାର୍ଯ୍ୟକ୍ରମକୁ ହାତକୁ ନେବେ। ପ୍ରତି ମାସରେ ପେଡାଗୋଜି କୋଅର୍ଡିନେଟରଙ୍କ ସମୀକ୍ଷା ବୈଠକ କରାଯିବ। ସହକାରୀ ଜିଲା ଶିକ୍ଷାଧିକାରୀ ଜିଲାସ୍ତରରେ ଏହାର ଦାୟିତ୍ୱରେ ରହିବେ। ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ନଭେମ୍ବର ୩୦ ସୁଦ୍ଧା ସରିବ। ହିନ୍ଦୀ, ପିଇଟି ଓ ସଂସ୍କୃତ ଶିକ୍ଷକ ପରୀକ୍ଷାର ଫଳ ପ୍ରକାଶ ପାଇଛି। ତେଣୁ ଆବଶ୍ୟକତା ଭିତ୍ତିରେ ଜିଲାଗୁଡ଼ିକରେ ସେମାନଙ୍କ ପୋଷ୍ଟିଂ ପାଇଁ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ରୂପାନ୍ତରିତ ସ୍କୁଲ ଏବଂ 'ମୋ ସ୍କୁଲ'ର ସୁପରିଚାଳନା ପାଇଁ ସମ୍ପତ୍ତି ରେଜିଷ୍ଟର, ସୂଚନା ଫଳକ ଏବଂ ସାମାଜିକ ସମୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତିମାସ ଦ୍ୱିତୀୟ ଶନିବାର ଅଭିଭାବକ, ଶିକ୍ଷକ ବୈଠକ କରାଯିବା ପାଇଁ ସ୍ଥିର କରାଯାଇଛି। ଓସେପା ପକ୍ଷରୁ ଦିଆଯାଇଥିବା ଅର୍ଥର ବିନିଯୋଗ, ପ୍ରତ୍ୟେକ ବିଦ୍ୟାଳୟ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ, ଷଷ୍ଠ ଓ ସପ୍ତମ ଛାତ୍ରୀଛାତ୍ରଙ୍କ ପାଇଁ ସହପାଠ୍ୟ କାର୍ଯ୍ୟକ୍ରମ ସହିତ ସେମାନଙ୍କ ଶିକ୍ଷଣ ସ୍ଥିତି ଆକଳନ ଲାଗି ବେସ୍‌ଲାଇନ୍ ଟେଷ୍ଟ ନେଇ ଆଲୋଚନା ହୋଇଥିଲା। ବୈଠକରେ ବିଭାଗୀୟ ଅଧିକାରୀ, ଜିଲା ଶିକ୍ଷାଧିକାରୀ ଓ ଜିଲା ପ୍ରକଳ୍ପ ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ।

# ୧୮ରୁ ଆବେଦନ, ୨୪ରେ ମେରିଟ୍ ଲିଷ୍ଟ

ଭୁବନେଶ୍ୱର, ୧୭ା୧୧(ବ୍ୟୁରୋ)

### ଯୁକ୍ତ୨ରେ ତୃତୀୟ ପର୍ଯ୍ୟାୟ ନାମଲେଖା

ଯୁକ୍ତ୨ ପ୍ରଥମ ବର୍ଷରେ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଖାଲି ପଡ଼ିଥିବା ସିଟ୍‌ରେ ଏହି ନାମଲେଖା ହେବ। ଏଥିପାଇଁ ଆସନ୍ତା ୧୮ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୱେବ୍‌ସାଇଟ୍ www.samsodisha.gov.inରେ କମନ୍ ଆପ୍ଲିକେସନ ଫର୍ମ(ସିଏଏଫ୍) ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ୨୨ ତାରିଖ ରାତି ୧୧ଟା ୫୫ ସୁଦ୍ଧା ଆବେଦନ କରିବେ। ୨୪ ତାରିଖ ଅପରାହ୍ନ ୩ଟାରେ ମେରିଟ୍ ଓ ୱେଟିଂ ଲିଷ୍ଟ ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରମାନେ ୨୫ ତାରିଖ ସକାଳ ୧୦ଟାରୁ ୨୬ ତାରିଖ ଅପରାହ୍ନ ୪ଟା ସୁଦ୍ଧା ନାମ ଲେଖାଇବେ। ୨୬ ତାରିଖ ଅପରାହ୍ନ ୪ଟା ୧୫ରୁ ୨୭ ତାରିଖ ଅପରାହ୍ନ ୨ଟା ମଧ୍ୟରେ ୱେଟିଂ ଲିଷ୍ଟରେ ଥିବା ଛାତ୍ରୀଛାତ୍ରମାନେ ନାମ ପଞ୍ଜୀକରଣ କରିବେ ଓ ସେହିଦିନ ଅପରାହ୍ନ ୪ଟାରେ ପଞ୍ଜୀକୃତ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଏହି ଛାତ୍ରୀଛାତ୍ରମାନେ ୨୭ ତାରିଖ ଅପରାହ୍ନ ୪ଟାରୁ ୨୯ ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ। ତେବେ ଯେଉଁ ପିଲାମାନେ ପ୍ରଥମ କରି ଆବେଦନ କରିବେ ସେମାନେ www.samsodisha.gov.inରେ ନିଜର ଫୋନ୍ ନମ୍ବର ଓ ଇମେଲ୍ ଠିକଣା ଦେଇ ନାମ ପଞ୍ଜୀକରଣ କରିବେ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ନନ୍ଦନକାନନରେ ଶିଶୁ ରେଳଗାଡ଼ି ପୁଣି ଅଚଳ



ଜଙ୍ଗଲରେ ଅଟକି ରହିଥିବା ଶିଶୁ ରେଳଗାଡ଼ି।



ଫସି ରହିଥିବା ପର୍ଯ୍ୟଟକଙ୍କୁ ଆଣିବାକୁ ଯାଇଥିବା ବସ୍‌ଟି ଅଧାବାଟରେ କାଦୁଅରେ ଦବି ରହିଛି।

ବାରଙ୍ଗ,୧୭ା୧୧(ଡି.ଏନ୍.ଏ.)

### ଜଙ୍ଗଲ ମଧ୍ୟରେ ୬୦ ପର୍ଯ୍ୟଟକ ହଟହଟା

- ଚାଲିବାର ଦିନକ ପରେ ତ୍ରୁଟି
- ସ୍ଥିତି ପରଖିବାକୁ ଆସିବେ ବିଶେଷଜ୍ଞ

ନନ୍ଦନକାନନରେ ଥିବା ପ୍ରତୀକ୍ଷିତ ଶିଶୁ ରେଳଗାଡ଼ି(ଟୟ ଟ୍ରେନ୍)ର ବିବାଦ ଥମିବାର ନାଁ ଧରୁନାହିଁ। ଶିଶୁ ରେଳଗାଡ଼ି ଚାଲିବାର ଦିନକ ପରେ ପୁଣି ଅଚଳ ହୋଇପଡ଼ିଛି। ବୁଧବାର ଶିଶୁ ରେଳଗାଡ଼ିରେ ପର୍ଯ୍ୟଟକଙ୍କୁ ନେଇ ଫେରୁଥିବାବେଳେ ଚେନରେ ତ୍ରୁଟି ଦେଖାଯାଇଥିଲା। ଫଳରେ ଟ୍ରେନ୍ ଅଧାବାଟରେ ଅଟକିଯିବାରୁ ପର୍ଯ୍ୟଟକମାନେ ଫେରିବାରେ ନାନା ହଇରାଣ ହୋଇଥିଲେ। ଏପରିକି ପର୍ଯ୍ୟଟକଙ୍କୁ ଆଣିବାକୁ ଯାଇଥିବା ବସ୍‌ଟି ମଧ କାଦୁଅ ରାସ୍ତାରେ ଦବିଯାଇଥିଲା। କିଛି ସମୟପରେ ବସ୍‌ଟି ବାହାରିବା ପରେ ପର୍ଯ୍ୟଟକମାନେ ଫେରିଥିଲେ। ତେବେ ଶିଶୁ ରେଳଗାଡ଼ିର ବାରମ୍ବାର ଏଭଳି ତ୍ରୁଟି ପାଇଁ ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ଦାୟୀ କରୁଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ଶିଶୁ ରେଳଗାଡ଼ିଟି ୬ଟ୍ରିପ୍‌ରୁ ଶେଷ ଟ୍ରିପ୍‌ରେ ୬୦ଜଣ ପର୍ଯ୍ୟଟକ ନେଇ ଫେରୁଥିବାବେଳେ ୯ନମ୍ବର ପାଖ ନୂତନ ସଫାରି ରାସ୍ତାର ହରିଣ ଫାଟକ ରାସ୍ତାରେ ହଠାତ୍ ଅଟକିଥିଲା। ପଛ ଇଞ୍ଜିନ ବ୍ୟାଟେରି ଓ ଚେନ୍‌ରେ ତ୍ରୁଟି ଦେଖାଦେବାରୁ ରେଳଗାଡ଼ି ଆଉ ଚାଲିଲା ନାହିଁ। ଫଳରେ ପର୍ଯ୍ୟଟକମାନେ ପ୍ରାୟ ଅଧଘଣ୍ଟା ଜଙ୍ଗଲ ମଧ୍ୟରେ ଅଟକି ରହିଥିଲେ। ଖବରପାଇ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କୁ ଆଣିବା ପାଇଁ ଡିପାର୍ଟମେଣ୍ଟ ବସ୍ ପଠାଇଥିଲେ। ହେଲେ ଚାଳକଙ୍କ ଅସାବଧାନତା ହେତୁ ବସ୍‌ଟି ଏକ ମୋରମ ରାସ୍ତାରେ ଦବିଯାଇଥିଲା। ଶେଷରେ ପର୍ଯ୍ୟଟକମାନେ ଅଚଳ ଟ୍ରେନଠାରୁ ଜଙ୍ଗଲ ଭିତରେ ଚାଲି ଚାଲି ନନ୍ଦନକାନନର ଜିରାଫ ଖୁଆଡ଼ ପାଖ ରାସ୍ତାକୁ ଆସିଥିଲେ। ବସ୍‌ଟିକୁ ଉଠାଇବା ପରେ ନନ୍ଦନକାନନ ମୁଖ୍ୟରାସ୍ତାରେ ଅପେକ୍ଷାକରି ରହିଥିବା ପର୍ଯ୍ୟଟକଙ୍କୁ ନେଇ ଫେରିଥିଲା। ନନ୍ଦନକାନନର ପରିଚାଳନାଗତ ତ୍ରୁଟି ପାଇଁ ପର୍ଯ୍ୟଟକଙ୍କୁ ସେମାନଙ୍କ ଟଙ୍କା ଫେରାଯାଇଥିଲା। ତେବେ ଶିଶୁ ରେଳଗାଡ଼ିକୁ ନେଇ ଏବେ ନନ୍ଦନକାନନ ଚର୍ଚ୍ଚାରେ ରହିଛି। ନୂଆଗାଡ଼ି ନୂଆକରି ପ୍ରଚଳନ ହେବା ପରେ ମଧ ଏପରି ସମସ୍ୟା ଉପୁଜିବା ଓ ମରାମତି ପରେ ସଂସ୍ଥା ସହିତ ନନ୍ଦନକାନନ କର୍ତ୍ତୃପକ୍ଷ ଆଲୋଚନା କରି ୨ଦିନ ଟ୍ରାଏଲ ପରେ ଶିଶୁ ରେଳଗାଡ଼ି ଗଡ଼ିଥିଲା। ଏହାପରେ ବି ସମସ୍ୟା ଦେଖାଦେବାରୁ ଅଧିକାରୀଙ୍କର ଅନୁଧାନ ପ୍ରକିୟାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି, ବୁଧବାର ୨୦୦ଲୋକଙ୍କୁ ବୁଲାଇ ସାରିବା ପରେ ଅପରାହ୍ନ ୪ଟାରେ ୬୦ଜଣ ପର୍ଯ୍ୟଟକଙ୍କୁ ନେଇ ଆସୁଥିବାବେଳେ ଅଧାବାଟରେ ଟ୍ରେନଟି ଅଟକିଯାଇଥିଲା। ପୁନର୍ବାର ଷ୍ଟାର୍ଟ ହୋଇ ନ ଥିଲା। ଭ୍ରମଣକାରୀଙ୍କ ସୁରକ୍ଷା ପାଇଁ ସମସ୍ତ ଦର୍ଶକଙ୍କୁ ବସ୍ ଯୋଗେ ଫେରାଇ ନିଆଯାଇଥିଲା। ଟ୍ରେନକୁ ଶୀଘ୍ର ମୂଲ୍ୟାଙ୍କନ କରିବା ପାଇଁ ବିଶେଷଜ୍ଞ ଦଳ ପଠାଇବାକୁ ଠିକା ସଂସ୍ଥାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି ଏବଂ ଯଦି ସମସ୍ୟା ଉପୁଜେ ତେବେ ଇଞ୍ଜିନକୁ ବଦଳାଇବାକୁ କୁହାଯିବ ବୋଲି କହିଛନ୍ତି।

ଉଲ୍ଲେଖଥାଉକି, ୭ ବର୍ଷର ବ୍ୟବଧାନ ପରେ ନୂଆ ରୂପରେ ନନ୍ଦନକାନନରେ ଶିଶୁ ରେଳଗାଡ଼ି ଚାଲିବା ଆରମ୍ଭ କରିଥିଲା। ନନ୍ଦନକାନନ କର୍ତ୍ତୃପକ୍ଷ ଏହାକୁ ୪କୋଟି ୯୮ଲକ୍ଷ ଟଙ୍କା ବ୍ୟୟରେ ଠିକା ସଂସ୍ଥା ମାଧ୍ୟମରେ ସଜାଡ଼ିବା ସହ ବିଭାଗୀୟ ମନ୍ତ୍ରୀ ଗତ ମାସ ୮ତାରିଖରେ ଶିଶୁରେଳଗାଡ଼ିର ଲୋକାର୍ପଣ କରିଥିଲେ। କିନ୍ତୁ ଏହା ୧୪ତାରିଖରେ ପ୍ରଥମକରି ପର୍ଯ୍ୟଟକଙ୍କୁ ନେଇ ଚାଲିବା ଆରମ୍ଭ କରିଥିଲା। କିନ୍ତୁ ଚାଲିବାର ଦିନକ ପରେ ଅର୍ଥାତ ୧୫ତାରିଖରେ ଶର୍ଟସର୍କିଟ ଯୋଗୁ ଏହାକୁ ବନ୍ଦ କରାଯାଇଥିଲା। ଏହାପରେ ଆଣିଥିବା ସଂସ୍ଥା ଏହାର ମରାମତି କରିବାପରେ ମଙ୍ଗଳବାର ଶିଶୁ ରେଳଗାଡ଼ିଟି ପୁନଃ ଚାଲିଥିଲା।

NATIONAL HEALTH MISSION
ନବଜାତ ଶିଶୁ ଯତ୍ନ ସପ୍ତାହ
୧୫ - ୨୧ ନଭେମ୍ବର ୨୦୨୧
DSPL - 254
ନିରାପତ୍ତା ଓ ଗୁଣବତ୍ତା ଯୁକ୍ତ ଲାଳନପାଳନ- ପ୍ରତ୍ୟେକ ନବଜାତ ଶିଶୁର ଜନ୍ମଗତ ଅଧିକାର



ସଚେତନ ରୁହନ୍ତୁ ଓ ନବଜାତ ଶିଶୁର ଉପଯୁକ୍ତ ଯତ୍ନ ନିଅନ୍ତୁ
- ଶିଶୁକୁ ଧରିବା/ଛୁଇଁବା ପୂର୍ବରୁ ହାତକୁ ସାବୁନ୍‌ରେ ଭଲଭାବରେ ସଫା କରନ୍ତୁ।
- ଶିଶୁର ନାହି ନାଡରେ କିଛି ଲଗାନ୍ତୁ ନାହିଁ।
- କମ୍ ଓଜନର (୨୫୦୦ ଗ୍ରାମ୍‌ରୁ କମ୍) ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଏବଂ କଙ୍ଗାରୁ ମା' ଯତ୍ନ ପଦ୍ଧତି ଆପଣାନ୍ତୁ।
- ଶିଶୁକୁ ଉଷୁମ୍ ରଖିବା ପାଇଁ ମୁଣ୍ଡରେ ଟୋପି, ପାଦରେ ମୋଜା ଏବଂ ଦେହରେ ପରିଷ୍କାର କପଡା ଘୋଡାଇ ମା' ସହିତ ରହିବାକୁ ଦିଅନ୍ତୁ।
- ଶିଶୁ ଜନ୍ମ ପରେ ପରେ ଯଥାଶୀଘ୍ର ସ୍ତନ୍ୟପାନ ଆରମ୍ଭ କରାନ୍ତୁ ।
- ଶିଶୁକୁ ମା'କ୍ଷୀର ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ୬ ମାସ ପର୍ଯ୍ୟନ୍ତ ଦିଅନ୍ତୁ ନାହିଁ ।
- ବିପଦପୂର୍ଣ୍ଣ ଲକ୍ଷଣ ଥିବା ଶିଶୁକୁ ଚିହ୍ନଟ କରିବା ଓ ଆବଶ୍ୟକ ସ୍ଥଳେ ଯଥାଶୀଘ୍ର ଚିକିତ୍ସା ପାଇଁ ଡାକ୍ତରଖାନା ନେବାପାଇଁ ବ୍ୟବସ୍ଥା କରନ୍ତୁ ।
- କୋଭିଡ୍-୧୯ରୁ ସୁରକ୍ଷା ପାଇଁ ଶିଶୁର ଯତ୍ନ ଓ ସ୍ତନ୍ୟପାନ ସମୟରେ ନିଜ ହାତ ଧୋଇବା ସହିତ ମୁହଁରେ ମାସ୍କ ନିଶ୍ଚିତ ଲଗାନ୍ତୁ।
- ଜନ୍ମ ପରେ ଶିଶୁର ବି.ସି.ଜି.,ହେପାଟାଇଟିସ୍ - ବି ଏବଂ ଓ.ପି.ଭି ଟୀକାକରଣ ସୁନିଶ୍ଚିତ କରାନ୍ତୁ।

ଶିଶୁମାନଙ୍କର କୌଣସି ଅସୁସ୍ଥତା ଦେଖାଦେଲେ ତୁରନ୍ତ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ କରି ଡାକ୍ତରଖାନା ନିଅନ୍ତୁ।
ଶିଶୁମାନଙ୍କ ଆବଶ୍ୟକୀୟ ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାଦେୟରେ ଉପଲବ୍ଧ ।
ଆସନ୍ତୁ, ଏ ସମ୍ପର୍କରେ ସଚେତନ ହେବା ସହିତ କରୋନା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା
OIPR-10003/13/0087/2122
facebook.com/HFWOdisha
http://www.health.odisha.gov.in/
@HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

**ସଂକ୍ଷେପରେ**

## ଆମେରିକାରେ କାର୍ତ୍ତିକ ବ୍ରତ ପାଳିତ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ):** ଧର୍ମମାସ କାର୍ତ୍ତିକ ପାଇଁ ଚଳଚଞ୍ଚଳ ହୋଇଉଠିଛି ଓଡ଼ିଶାର ମଠମନ୍ଦିର। ବ୍ରତଧାରୀମାନେ ନିଷ୍ଠାର ସହ କରୁଛନ୍ତି ରାଇଦାମୋଦରଙ୍କ ଆରାଧନା। ଚଳିତବର୍ଷ ଏଥିରେ ସାମିଲ ହୋଇଛି ଆମେରିକାର ଟେକ୍ସାସ୍‌ର ଡାଲାସ ସହର। ଏଠାରେ ଥିବା ଶ୍ରୀରଘୁନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରବାସୀ ଓଡ଼ିଆମାନେ ପାଳୁଛନ୍ତି କାର୍ତ୍ତିକବ୍ରତ। ଏହି ଉପଲକ୍ଷେ ପ୍ରତି କାର୍ତ୍ତିକ ସୋମବାରରେ ମନ୍ଦିରରେ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ସୁସ୍ୱାଦୁ ଓଡ଼ିଆ ବ୍ୟଞ୍ଜନ ଲାଗି କରାଯାଇଥିଲା। ଏହି ବ୍ରତ ଅଣଓଡ଼ିଆମାନଙ୍କୁ ଓଡ଼ିଆ ସଂସ୍କୃତି, ଖାଦ୍ୟପେୟ ସହିତ ପରିଚିତ କରାଯାଇପାରିଛି।

## ଶିଶୁ ଦିବସ ସମାରୋହ, ପୁରସ୍କାର ବିତରଣ ଉତ୍ସବ

**ଭୁବନେଶ୍ୱର,୧୭।୧୧ (ବ୍ୟୁରୋ):** ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଓଡ଼ିଶା ରାଜ୍ୟ କଲ୍ୟାଣ ପରିଷଦ ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଶିଶୁ ଦିବସ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ୬ଟି ବାଳାଶ୍ରମର ପିଲାଙ୍କୁ ନେଇ ଅନୁଷ୍ଠିତ ସାଧାରଣ ଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ୭୨ଜଣ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଭାରତୀୟ କଲ୍ୟାଣ ପରିଷଦ ନୂଆଦିଲ୍ଲୀ ଦ୍ୱାରା ପ୍ରଦତ୍ତ ପଦକ, ପ୍ରମାଣପତ୍ର ଓ ପୁରସ୍କାର ରାଶି ଏବଂ ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ତରଫରୁ ୨୦୧୮ ଓ ୨୦୧୯ରେ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟ ମହିଳା କମିଶନ ଅଧକ୍ଷା ଡ.ମିନତୀ ବେହେରା, ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ରାଜ୍ୟ ଭିନ୍ନକ୍ଷମ ଆୟୋଗ ଅଧକ୍ଷା ସୁଲୋଚନା ଦାଶ ଓ ଶିଶୁ କଲ୍ୟାଣ ପରିଷଦର ପୂର୍ବତନ ସଦସ୍ୟ ସଚିବ କସ୍ତୁରୀ ମହାପାତ୍ର ଯୋଗ ଦେଇଥିଲେ। ବାଳାଶ୍ରମ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଭୋଟର ସଚେତନତା କର୍ମଶାଳା

**ବାଲିପାଟଣା,୧୭।୧୧(ଡି.ଏନ୍.ଏ.):** ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳିପୁର ଡିଗ୍ରୀ କଲେଜରେ ଏକ ଭୋଟର ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିପାଟଣା ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ ମୁଖ୍ୟ ସାଧନ କର୍ମୀ ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଭୋଟର ସଚେତନତା ବିଷୟରେ ଶିକ୍ଷା ଦେଇଥିଲେ। ମୋବାଇଲରେ କିପରି ଭୋଟର ଆପ୍ ଡାଉନଲୋଡ୍ କରି ନାମ ପଞ୍ଜୀକରଣ କରାଯିବ ତା'ର ବୈଷୟିକ ଜ୍ଞାନକୌଶଳ ବିଷୟରେ କହିଥିଲେ। ମହାବିଦ୍ୟାଳୟ ଅଧକ୍ଷ ମୁରଲୀଧର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ସୁରକ୍ଷା ଅଭାବରୁ ବଢୁଛି ଆତଙ୍କ

## ବ୍ଲକିଂ, ଚେକିଂ ଭୁଲିଗଲାଣି ପୋଲିସ

**ରାତିର ରାଜଧାନୀ**

ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ଦିନକୁ ଦିନ ଗୁଣ୍ଡା, ବଦମାସି, ଚୋରି, ଡକାୟତି ଓ ହତ୍ୟା ପରି ସଙ୍ଗିନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। କେତେକ ଅସାମାଜିକ ଯୁବକ ସଂଘବଦ୍ଧ ହୋଇ କାର୍ ବାଇକରେ ଅତ୍ୟାଧୁନିକ ପିସ୍ତଲ ଓ ମାରଣାସ୍ତ୍ର ଧରି ରାତିରେ ରାଜଧାନୀର ରାଜରାସ୍ତାକୁ ନିଜ ନିୟନ୍ତ୍ରଣକୁ ନେଉଛନ୍ତି। ନିଜର ଦବଦବା ଦେଖାଇବା ନେଇ ଏହାର ଭିଡିଓ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ କରୁଛନ୍ତି। ଏହାକୁ ଦେଖିବାପରେ ରାଜଧାନୀବାସୀଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହେଉଛି। ଲୋକଙ୍କ ସୁରକ୍ଷା ନେଇ କମିଶନରେଟ ପୋଲିସ ଓ ପ୍ରଶାସନ ଚିନ୍ତା ପ୍ରକଟ କରୁଥିବା କହୁଥିବାବେଳେ ବାସ୍ତବରେ ରାତିର ରାଜଧାନୀରେ ବିଭିନ୍ନ ଥାନାର ପୋଲିସ କେତେ ସଜାଗ ରହିଛି, ତାକୁ ଜାଣିବା ପାଇଁ ଧରିତ୍ରୀ ପକ୍ଷରୁ ପ୍ରୟାସ କରାଯାଇଥିଲା। ୨ଦିନ ଧରି ଶୀତ ରାତିରେ ରାଜଧାନୀର ୧୪ଟି ଥାନାରେ ନାଇଟ ଡ୍ୟୁଟି କରୁଥିବା ଡିସିଓଙ୍କୁ ଆମ ପ୍ରତିନିଧି ଭେଟିବା ସହ ବିଭିନ୍ନ ଅଞ୍ଚଳ ବୁଲି ଜାଗ୍ରତ ଥିବା ଲୋକଙ୍କଠାରୁ ସ୍ଥିତି ପରଖିଥିଲେ। ରାତିର ରାଜଧାନୀର ସ୍ଥିତିକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା...



## ୧୪ ଥାନାରୁ ଜାଗ୍ରତ ଥିଲେ ୬ ଥାନା ଡିସିଓ



୨ଦିନ ଧରି ରାଜଧାନୀର ମଞ୍ଚେଶ୍ୱର, ଇନ୍‌ଫୋସିଟି, ଚନ୍ଦ୍ରଶେଖରପୁର, ଶହୀଦନଗର, ଖାରବେଳ ନଗର, କ୍ୟାପିଟାଲ, ମହିଳା, ନୟାପଲ୍ଲୀ, ଖଣ୍ଡଗିରି, ଏୟାରପୋର୍ଟ, ଏୟାରଫିଲ୍ଡ, ଶ୍ରୀ ଲିଙ୍ଗରାଜ ଓ ଲକ୍ଷ୍ମୀସାଗର ଥାନା ବୁଲି ବିଳମ୍ବିତ ରାତିର ସ୍ଥିତି ପରଖିଥିଲୁ। ସେଥି ମଧ୍ୟରୁ ଖାରବେଳ ନଗର, କ୍ୟାପିଟାଲ, ନୟାପଲ୍ଲୀ, ମଞ୍ଚେଶ୍ୱର, ଇନ୍‌ଫୋସିଟି ଓ ଭରତପୁର ଥାନାରେ ଡିସିଓ କାଗଜପତ୍ର କାର୍ଯ୍ୟ ଜାରି ରଖିବା ଦେଖିବାକୁ ମିଳିଥିଲା। ଦିନରେ ଡ୍ୟୁଟିର ଓ ଥାନାର ଚାପ ରହୁଛି। ତେଣୁ ରାତିରେ ବାକି ରହିଯାଇଥିବା କାଗଜପତ୍ର ଲେଖିବାକୁ ସୁବିଧା ହେବା ସହ ଡ୍ୟୁଟି ବି ଚାଲୁରହେ। ତା ଛଡ଼ା କିଛି ଅଘଟଣ ବା ଲୁଟପାଟ ହେଲେ ତୁରନ୍ତ ଅନ୍ୟ ଥାନାକୁ ଯୋଗାଯୋଗ କରିବାକୁ ସମର୍ଥ ହେଉ ବୋଲି କେତେଜଣ ଡିସିଓ କହିଛନ୍ତି।

### ଶୋଇଯାଇଥିଲା ଏୟାରପୋର୍ଟ ଥାନା, ଶୁଣିଲାନି ମହିଳା ଥାନା

ରାତିରେ ଖବର ସଂଗ୍ରହ କରୁଥିବାବେଳେ ରାଜଧାନୀର ସମ୍ବେଦନଶୀଳ କୁହାଯାଉଥିବା ବିମାନବନ୍ଦର ସମ୍ମୁଖ ଏୟାରପୋର୍ଟ ଥାନା ଖୋଲା ରହିଥିଲା। ହେଲେ ଡିସିଓ ଓ ଅନ୍ୟ ଜଣେ କର୍ମଚାରୀ ଶୋଇଯାଇଥିଲେ। ସେହିପରି ଖଣ୍ଡଗିରି, ଏୟାରଫିଲ୍ଡ, ଶ୍ରୀ ଲିଙ୍ଗରାଜ, ଥାନାରେ ଡିସିଓ ଓ ଅନ୍ୟ କର୍ମଚାରୀ ମଧ୍ୟ ଶୋଇଯାଇଥିବା ଦେଖିବାକୁ ମିଳିଥିଲା। ସେମାନଙ୍କୁ ଡାକିବା ପରେ ଚନ୍ଦ୍ରଶେଖରପୁର ଓ ଶ୍ରୀ ଲିଙ୍ଗରାଜ ଥାନାରେ ଡ୍ୟୁଟିରେ ଥିବା ଡିସିଓ ବିରକ୍ତ ହେବା ସହ ନାଇଟ୍ ପାଟ୍ରୋଲିଂ ଠିକ୍ ଠାକ ଚାଲିଛି ବୋଲି କହିଥିଲେ। ଅନେକ ସମୟ ଧରି ଡାକିବା ପରେ ମଧ୍ୟ କେହି କବାଟ ଖୋଲି ନ ଥିଲେ। ସୁରକ୍ଷା ଓ କଟକଣା ଦୃଷ୍ଟିରୁ ଭିତରକୁ ଯିବା ସମ୍ଭବପର ନ ଥିଲା। ସେହିପରି ଲକ୍ଷ୍ମୀସାଗର ଥାନାରେ ଜଣେ କର୍ମଚାରୀ ରହିଥିବାବେଳେ ଟିଭି ଦେଖି ଶୋଇଯାଇଥିଲେ। ଡାକିବା ପରେ ଉଠିଥିଲେ।

### ଆଖି ଆଗରେ ନିଶାଡ଼ି ଲୁଟୁଛନ୍ତି



ସଁଆର୍ଫ ଅଞ୍ଚଳର ଅଟୋ ଚାଳକ ଶରତ ମହାରଣାଙ୍କ କହିବା ମୁତାବକ ଭରତପୁର ରେଣ୍ଟାଲ ବରମୁଣ୍ଡା ଅଞ୍ଚଳରେ ବିଳମ୍ବିତ ରାତିରେ ବ୍ରାଉନସୁଗାର ଓ ଅନ୍ୟାନ୍ୟ ନିଶା ଖାଇ ଅଭିଯୁକ୍ତମାନେ ଆତଙ୍କ ଖେଳାଉଛନ୍ତି। ମେଡିକାଲ କାମରେ ଯାଉଥିବା ଲୋକଙ୍କ ଠାରୁ ମୋବାଇଲ ଓ ଟଙ୍କା ଛଡ଼ାଇ ନେଉଛନ୍ତି। ଏହିସବୁ ଅଞ୍ଚଳରେ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରିବା ସହ ଏମାନଙ୍କୁ ଦମନ କରିବା ବହୁତ ଜରୁରୀ।

### ଠିଆ ମେଳା ମୁଖ୍ୟ ପ୍ରବେଶ ପ୍ରସ୍ଥାନ ରାଜରାସ୍ତା

ରାଜଧାନୀକୁ ସଂଯୋଗ କରୁଥିବା ମୁଖ୍ୟ ପ୍ରବେଶ ପ୍ରସ୍ଥାନ ଦ୍ୱାର ମଞ୍ଚେଶ୍ୱର, ରବି ଟକିଜ୍, ଖଣ୍ଡଗିରି, ଚନ୍ଦ୍ରଶେଖରପୁର, କିଟ୍ ଛକ ଅଞ୍ଚଳରେ ବିଳମ୍ବିତ ରାତି ପରେ ବ୍ଲକିଂ ଚେକିଂ ସମ୍ପୂର୍ଣ୍ଣ ଠପ୍ ହୋଇଯାଉଛି। କେଉଁଠି ହୋମ୍ ଗାର୍ଡ ଡ୍ୟୁଟି କରୁଛନ୍ତି ତ ଅନ୍ୟ କେଉଁଠି ଆଇଆର୍‌ବି କର୍ମଚାରୀ ଡ୍ୟୁଟିରେ ମୁତୟନ ରହୁଛନ୍ତି, ଯାହାକି ଆପରାଧିକ କାର୍ଯ୍ୟକଳାପ ଘଟାଇ ଫେରାର ହେବାକୁ ଅଭିଯୁକ୍ତମାନେ ସମର୍ଥ ହେଉଛନ୍ତି। ଏହାକୁ ରୋକିବାକୁ ହେଲେ ଡିସିଓମାନେ ରାତିରେ ଆକ୍ଟିଭ ରହିବା ସହ ପିସିଆର ସହ ଯୋଗାଯୋଗରେ ରହିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

### ପାଟ୍ରୋଲିଂ ଭ୍ୟାନ୍ କେବଳ ଟାଉନରେ ଦେଖୁଛୁ



ରାତି ରାଜଧାନୀ ବୁଲିବା ବେଳେ ଓଲା ଡ୍ରାଇଭର ଓ ସ୍ୱିଗି ଡେଲିଭରି କରୁଥିବା ଯୁବକଙ୍କୁ ଭେଟିଥିଲୁ। ସ୍ୱିଗି ଡେଲିଭରି ପାର୍ଟ ଟାଇମ କାମ କରୁଥିବା ଗୋପାଳଙ୍କ ସୂଚନା ମୁତାବକ ଭରତପୁର ଓ ପୋଖରୀପୁଟ ଅଞ୍ଚଳରେ ବିଳମ୍ବିତ ରାତିରେ ପିସିଆର ପାଟ୍ରୋଲିଂ ଦେଖିବାକୁ ମିଳୁନି। ଉକ୍ତ ରାସ୍ତାରେ ଅନେକ ନିଶାସକ୍ତ ଯୁବକ ଆତଙ୍କ ଖେଳାଉଛନ୍ତି। ଓଲା କାର୍ ଚାଳକ ପ୍ରକାଶଙ୍କ ସୂଚନା ମୁତାବକ ରାତି ସାଢେ ୧୨ଟା ପରେ ଟାଉନ ବାହାରେ ପ୍ରାୟତଃ ଆଉ ପାଟ୍ରୋଲିଂ ପିସିଆର୍ ଭ୍ୟାନ୍ ଦେଖବାକୁ ମିଳୁନି।

### ନିଶା ପାଇଁ ବାଉଳା ଗ୍ୟାଙ୍ଗ୍ ବୁଲୁଛନ୍ତି

ଏୟାର ଫିଲ୍ଡ ଥାନାରୁ ଲିଙ୍ଗରାଜ ଫେରିବା ରାସ୍ତାରେ ପ୍ରଥମେ ୩ ଜଣ ଯୁବକ ରାତି ସାଢେ ୩ଟା ବେଳକୁ ଏକ ଦୋକାନରେ ଚା' ପିଉଥିଲେ। ତା'ପରେ ଆଉ ୬ ଜଣ ଯୁବକ ବାଇକ୍‌ରେ ଆସି ସେଠାରେ ପହଞ୍ଚିଥିଲେ। ବ୍ରାଉନସୁଗାର ଖାଇବା ନେଇ ସେମାନେ ଖୁଲମ ଖୁଲା କଥା ହେବା ସହ ଭାଇରାଲ ଭିଡିଓର ନ୍ୟୁଜକୁ ମୋବାଇଲରେ ଦେଖିଥିଲେ। ପରେ ସେମାନେ ୩ଟି ବାଇକରେ ୯ଜଣ ଯୁବକ ବସି ଖାମଖିଆଲ ଢଙ୍ଗରେ ଲିଙ୍ଗରାଜ ମନ୍ଦିର ଅଭିମୁଖେ ବାହାରିଯାଇଥିଲେ।

### ପୋଲିସ ବି ମଣିଷ, ପାଟ୍ରୋଲିଂ କଡ଼ାକଡ଼ି ହେବ



ଡିସିଓ ଡ୍ୟୁଟି ଓ ନାଇଟ୍ ବ୍ଲକିଂ ଚେକିଂ ସମ୍ପର୍କରେ ଡିସିପି ଉମାଶଙ୍କର ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ସହର ତୁଳନାରେ କମିଶନରେଟ ପୋଲିସରେ ସ୍ୱଳ୍ପ ପୋଲିସ ଅଫିସର ଓ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରାଯାଉଛି। ଦିନରେ ଥାନା ଲ ଆଣ୍ଡ ଅର୍ଡର ଡ୍ୟୁଟି ସାରିବା ପରେ ରାତିରେ ନାଇଟ ଡ୍ୟୁଟି କରିବା ସମୟରେ କେତେଜଣ ପୋଲିସ ଶୋଇଯାଉଛନ୍ତି। ପୋଲିସ ବି ତ ମଣିଷ। ତେବେ ଜଣେ ଅତିରିକ୍ତ ଡିସିପିଙ୍କୁ ରାତିର ପାଟ୍ରୋଲିଂ ଦାୟିତ୍ୱ ଦିଆଯାଇଛି। ସହରର ୨୩ଟି ପ୍ରମୁଖ ସ୍ଥାନରେ ଆମର ବ୍ଲକିଂ ଚେକିଂ ଜାରି ରହିଛି। ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବ୍ଲକିଂ ଚେକିଂକୁ ଅଧିକ କଡ଼ାକଡ଼ି କରାଯିବ ବୋଲି ଡିସିପି ଦାଶ କହିଛନ୍ତି।

## ମହିଳା ଗୋଷ୍ଠୀଙ୍କୁ କୃଷି ସହାୟତା ରାଶି ପ୍ରଦାନ

**ସାକ୍ଷୀଗୋପାଳ,୧୭।୧୧(ଡି.ଏନ୍.ଏ./ସ୍ୱ.ପ୍ର.):** କୃଷି କ୍ଷେତ୍ରରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସତ୍ୟବାଦୀ ବ୍ଲକ ଆତ୍ମା କମିଟି ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ କୃଷକଙ୍କୁ ମୂଳ ପୁଞ୍ଜି ସରକାରୀ କୃଷି ସହାୟତା ପ୍ରଦାନ କରାଯାଇଛି। ସ୍ଥାନୀୟ ସରକାରୀ କୃଷିଫାର୍ମରେ ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ ୧୨ଟି ମହିଳା ଗୋଷ୍ଠୀଙ୍କୁ ୧୦ ହଜାର ଲେଖାଏ ଟଙ୍କା ଦେଇଛନ୍ତି। ଏଥିସହ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ୨ଜଣ ବତକ ଚାଷୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ନଡ଼ିଆଚାଷ ସହାୟତା ପାଇ ନ ଥିବା ୫୦ଜଣ ଚାଷୀଙ୍କୁ ୫ଟି ଲେଖାଏଁ ନଡ଼ିଆ ଚାରା ପ୍ରଦାନ କରିଥିଲେ। ଜିଲା ସ୍ତରରେ ସମ୍ମାନିତ ହୋଇଥିବା ସତ୍ୟବାଦୀ ବ୍ଲକର ୨ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସବୁଜ ପତାକା ଦେଖାଇ ବିଧାୟକ କୃଷି ସଚେତନତା ରଥ ପରିକ୍ରମା ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବଚରଣ ଦାସ ଓ ଦେବାଶିଷ ରାୟ, କୃଷି ଜିଲା ଅଧିକାରୀ ସୁବାସ ଚନ୍ଦ୍ର ବେହେରା, ପ୍ରାଣୀ ଚିକିତ୍ସକ ଡା. ଜ୍ଞାନରଞ୍ଜନ ମିଶ୍ର, ଦେବଦାସ ଦତ୍ତ, ସହକାରୀ କୃଷି ଅଧିକାରୀ ହୃଦାନନ୍ଦ ସାମନ୍ତରାୟ ଓ ଶାନ୍ତା ସୁଚରିତା ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ରାସାୟନିକ ସାର ବ୍ୟବହାର ସମ୍ପର୍କିତ ଶିବିର

**କାକଟପୁର,୧୭।୧୧(ଡି.ଏନ୍.ଏ.):** କାକଟପୁର ବ୍ଲକ କୃଷି ବିଭାଗ ସଭାଗୃହ ପରିସରରେ ପେଷ୍ଟିସାଇଡର ନିରାପଦ ବ୍ୟବହାର ଉପରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନିମାପଡ଼ା କୃଷି ଜିଲା ଅଧିକାରୀ ଶରତ କୁମାର ପରିଡ଼ା ଯୋଗଦେଇ ଉପସ୍ଥିତ ଶତାଧିକ ଚାଷୀଙ୍କୁ ରାସାୟନିକ ସାର ଓ କୀଟନାଶକର ଆବଶ୍ୟକତା ଅନୁଯାୟୀ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ରାସାୟନିକ ସାର ଓ କୀଟନାଶକର ବ୍ୟବହାରକୁ ଯଦି ସୀମିତ କରା ନ ଯିବ ତେବେ ଏହା ଭବିଷ୍ୟତରେ ବହୁ ଖରାପ ପ୍ରଭାବ ପକାଇବ। ତେଣୁ ଚାଷୀମାନେ ବାୟୋ ପେଷ୍ଟିସାଇଡ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ରାସାୟନିକ ସାରକୁ ଦରକାର ମୁତାବକ ପାଣିରେ ଗୋଳାଇ ସ୍ପ୍ରେ କରନ୍ତୁ। ଗୋଟିଏ କିସମ ଜମିରେ ଗୋଟିଏ ପ୍ରକାର ଫସଲ ବାରମ୍ବାର ନ କରି ରୋଟେଶନ କରି ଫସଲ କଲେ ରୋଗପୋକ କମିବା ସହ ଅଧିକ ଫସଲ ଅମଳ ହେବ ବୋଲି କହିଥିଲେ। ଏହି ଶିବିରକୁ ଓୟୁଏଟିରୁ ୩ଜଣ ଛାତ୍ରଛାତ୍ରୀ ଅଭିଜ୍ଞତା ହାସଲ କରିବାକୁ ଆସିଥିଲେ।

## ଚିକିତ୍ସକ ମନୋବୃତ୍ତି ନେଇ କାମ କରିବାକୁ ହେବ

**ଭୁବନେଶ୍ୱର,୧୭।୧୧:** ସାମ୍ପ୍ରତିକ ସ୍ଥିତିରେ ସମାଜକୁ ପରିବର୍ତ୍ତନ କରିବାରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାମ୍ବାଦିକମାନେ ସମାଜର ଚିକିତ୍ସକ ସଦୃଶ। ଜଣେ ଚିକିତ୍ସକ ରୋଗୀର ଚିକିତ୍ସା କରୁଥିଲେ ମଧ ରୋଗୀ ସୁସ୍ଥ ହେବାକୁ ନ ଚାହିଁଲେ ସୁଫଳ ମିଳେନାହିଁ। ଠିକ୍ ସେହିଭଳି ସାମ୍ବାଦିକ ସମାଜର ଦୋଷତ୍ରୁଟି ଦେଖୁଥିଲେ ମଧ ଏହାକୁ ପ୍ରକାଶ ନ କରିବା ଏବଂ ପ୍ରଶାସନିକ ପଦକ୍ଷେପ ନେବାର କ୍ଷମତା ନ ଥିବାରୁ ସାମ୍ବାଦିକଙ୍କ ହାତରେ ସମାଜ ବଦଳିବା କଷ୍ଟକର ହୋଇପଡ଼େ ବୋଲି ଆକାଶବାଣୀର ପୂର୍ବତନ ଉପନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା କହିଛନ୍ତି। ଓଡ଼ିଶା ପତ୍ରକାର ସଂଘ ପକ୍ଷରୁ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ସାମ୍ବାଦିକ, ପ୍ରଶଂସକ ଏବଂ ପ୍ରଶାସନ ଏକ ଚେନ୍‌ର ଗୋଟିଏ ଗୋଟିଏ କଡ଼ି। ଏ ସବୁର ସମନ୍ୱୟର ଆବଶ୍ୟକତା ଥିବାରୁ ଜଣେ ବୃତ୍ତି ଅପେକ୍ଷା ପ୍ରବୃତ୍ତି ଭାବେ ସମାଜର ଦୋଷତ୍ରୁଟିକୁ ଦେଖାଇବା ଉଚିତ। ସଂଘର ପ୍ରତିଷ୍ଠାତା ସୁରେନ୍ଦ୍ର ସାହୁ ଏହି ଦିବସ ପାଳନର ଉଦ୍ଦେଶ୍ୟ ଏବଂ ମହାମାରୀ ସମୟରେ ସାମ୍ବାଦିକଙ୍କ ଭୂମିକା ସମ୍ପର୍କରେ ମତ ରଖିଥିଲେ। ନୀତିଗତ ଦୃଷ୍ଟିରୁ ସାମ୍ବାଦିକମାନେ ଏକତା ରକ୍ଷା କରିବା ଉଚିତ ବୋଲି ସଂଘର ସମ୍ପାଦକ ଅଶ୍ୱିନୀ ପତି କହିଛନ୍ତି। କାର୍ଯ୍ୟକ୍ରମରେ ଗୋପୀନାଥ ପରିଡ଼ା, ସାମ୍ବାଦିକ ରାଜକିଶୋର ଦାସ, କିଶୋର ରଥ, ମୁରଲୀଧର ମିଶ୍ର, ଉମେଶ ରାୟ, ସସ୍ମିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ସଭାପତି ଅବିନାଶ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଗଣମାଧ୍ୟମ ପ୍ରତିନିଧି ଜାଗ୍ରତ ପ୍ରହରୀ: କେନ୍ଦ୍ରମନ୍ତ୍ରୀ

**ଜାତୀୟ ପ୍ରେସ୍ ଦିବସ ପାଳିତ**

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

ଗଣମାଧ୍ୟମର ପ୍ରତିନିଧିମାନେ ହେଉଛନ୍ତି ସମାଜର ଜାଗ୍ରତ ପ୍ରହରୀ। ସେମାନଙ୍କ ପାଇଁ ଆମେ ଘରେ ବସି କ୍ଷଣକରେ ଦେଶ ଦୁନିଆର ଖବର ହାତମୁଠାରେ ପାଇପାରୁଛୁ। ସକାରାତ୍ମକ ବାର୍ତ୍ତା ଦେଲେ ଗଣମାଧ୍ୟମର ପ୍ରତିନିଧି ସମ୍ମାନର ଅଧିକାରୀ ହୋଇପାରିବେ ବୋଲି କେନ୍ଦ୍ର ଜଳଶକ୍ତି ଏବଂ ଜନଜାତି ବିକାଶ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ସୂଚନା ଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ଆନୁକୂଲ୍ୟରେ କେନ୍ଦ୍ର ସରକାରଙ୍କ ଦୂରଦର୍ଶନ କେନ୍ଦ୍ର, ଆକାଶବାଣୀ, ପ୍ରେସ୍ ଇନ୍‌ଫରମେଶନ ବ୍ୟୁରୋ (ପିଆଇବି), ରିଜିଓନାଲ ଆଉଟ୍‌ରିଚ୍ ବ୍ୟୁରୋ (ଆରଓବି) ଏବଂ ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଇନ୍‌ଫରମେଶନ ଟେକ୍ନୋଲୋଜି (ଅମିତ୍)ର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଥିଲା। ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର ଅଧକ୍ଷ ଦୀପକ ମାଳବ୍ୟ ଉତ୍ସବରେ ଅଧକ୍ଷତା କରିଥିବାବେଳେ କେନ୍ଦ୍ରମନ୍ତ୍ରୀ ଟୁଡୁ ମୁଖ୍ୟଅତିଥି ଏବଂ ନେପାଳ ପ୍ରେସ୍ କାଉନସିଲ୍‌ର ଅଧକ୍ଷ କିଶୋର ଶ୍ରେଷ୍ଠା ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୧' ପ୍ରଦାନ କରାଯିବା ସହିତ ଅନ୍ୟ ରାଜ୍ୟର ବିଭିନ୍ନ ଖବରକାଗଜର ୬ଜଣ ସାମ୍ବାଦିକଙ୍କୁ ଜାତୀୟସ୍ତରରେ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ-୨୦୨୧'ରେ ସମ୍ମାନିତ କରାଯାଇଥିଲା। ଏହାଛଡ଼ା ୨୦୨୦ରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ଅଲିଭା ଅଭିଲିପ୍ସା ଓ ଯଜ୍ଞଜ୍ୟୋତି ବେହେରାଙ୍କୁ 'ରବି ନାରାୟଣ ମହାନ୍ତି ସ୍ମାରକୀ ସମ୍ମାନ-୨୦୨୧', ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ରୀ ପାୟଲ ପଟ୍ଟନାୟକଙ୍କୁ 'ଗୋପାଳ ମିଶ୍ର ସ୍ମାରକୀ ସମ୍ମାନ-୨୦୨୧', କଟକସ୍ଥିତ ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀ ଅବନ୍ତିକା ମିଶ୍ରଙ୍କୁ 'ରାମହରି ମିଶ୍ର ସ୍ମାରକୀ ସମ୍ମାନ-୨୦୨୧', ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଛାତ୍ରୀ ମନସ୍ୱିନୀ ମିଶ୍ରଙ୍କୁ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ସମ୍ମାନ-୨୦୨୧', ଢେଙ୍କାନାଳସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମାସ୍ କମ୍ୟୁନିକେଶନ (ଆଇଆଇଏମ୍‌ସି)ର ଓଡ଼ିଆ ବିଭାଗର ଛାତ୍ରୀ ଯାଜ୍ଞସେନୀ ଧଳଙ୍କୁ 'ଦିଲୀପ ଶତପଥୀ ସ୍ମାରକୀ ସମ୍ମାନ-୨୦୨୧' ଏବଂ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଅର୍ପିତା ନନ୍ଦଙ୍କୁ 'ଅରିନ୍ଦମ ଦାଶ ସ୍ମାରକୀ ସମ୍ମାନ-୨୦୨୧'ରେ ସମ୍ମାନିତ କରାଯାଇଥିଲା। ଶେଷରେ ବୋର୍ଡର ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ ଉପରକୁ ବୋମା ମାଡ଼

- ଭାଜପା ନେତ୍ରୀଙ୍କୁ ଟାର୍ଗେଟ୍
- ସିସିଟିଭି ଫୁଟେଜ ଆଧାରରେ ପୋଲିସର ତନାଘନା
- ସରକାରୀ ଜମିକୁ ନେଇ ପଡୋଶୀଙ୍କ ସହ ବିବାଦ ଥିଲା





**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

ଭାଜପା ନେତ୍ରୀ ତଥା ଜିଲା ଭାଜପାର କୋଷାଧ୍ୟକ୍ଷ ମିନତୀ ବାରିକଙ୍କ କାର୍ ଉପରକୁ ପେଟ୍ରୋଲ ବୋମା ମାଡ଼ କରାଯାଇଛି। ନୟାପଲ୍ଲୀ ଥାନା ବ୍ରିଟ୍ କଲୋନୀସ୍ଥିତ ତାଙ୍କ ବାସଭବନ ସାମ୍ନାରେ କାର୍‌ଟି ପାର୍କିଂ ହୋଇଥିବାବେଳେ ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ବୋମା ମାଡ଼ରେ କାର୍‌ର ପ୍ରାୟ ୫୦ ଭାଗ ପୋଡିଯାଇଛି। ଏଥିସହ ପଡୋଶୀ ଘରର ଝରକା ସାମ୍ନା ମଧ ପୋଡିଯାଇଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରୁ ପେଟ୍ରୋଲ୍ ଭର୍ତ୍ତି କାଚ ବୋତଲ ଜବତ କରିଛି ପୋଲିସ। ମୀନତିଙ୍କ ସ୍ୱାମୀ ଅକ୍ଷୟ କୁମାର ବାରିକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫୩୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ଘର ନିକଟରେ ଲାଗିଥିବା ସିସିଟିଭିର ଫୁଟେଜ୍ ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ କରାଯାଉଥିବା ଥାନା ସୂତ୍ରରୁ କୁହାଯାଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସରକାରୀ ଜମିରେ ଗାଡ଼ି ପାର୍କିଂକୁ ନେଇ ମୀନତିଙ୍କ ସ୍ୱାମୀଙ୍କ ସହ ପଡୋଶୀଙ୍କ ବଚସା ହୋଇଥିଲା। ଏହି କାରଣରୁ ବୋମା ମାଡ଼ କରାଯାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ମିନତୀ ବାରିକଙ୍କ କହିବା କଥା, ଆମର ବ୍ୟକ୍ତିଗତ କିମ୍ବା ରାଜନୈତିକ କ୍ଷେତ୍ରରେ କାହା ସହ ଶତ୍ରୁତା ନ ଥିଲା। କିଏ ବୋମା ମାଡ କଲେ ତାହା ମୁଁ କହି ପାରିବି ନାହିଁ। ପୋଲିସ ଅଧିକ ତଦନ୍ତ କଲେ ଅପରାଧୀ ଧରାପଡିବେ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ମିନତୀଙ୍କ ସ୍ୱାମୀ ବ୍ରିଟ୍ କଲୋନୀସ୍ଥିତ ବାସ ଭବନ ସାମ୍ନାରେ ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ କାର୍ ପାର୍କିଙ୍ଗ କରିଥିଲେ। ତେବେ ବିଳମ୍ବିତ ରାତି ପ୍ରାୟ ସାଢେ ୩ଟା ସମୟରେ ଏକ ବୋମା ମାଡର ଧ୍ୱନୀ ପଡୋଶୀ ଶୁଣିବାକୁ ପାଇଥିଲ ମଧ କେହି ବାହାରକୁ ଆସି ଦେଖି ନ ଥିଲେ। ସକାଳେ ଗାଡି ପୋଡିଯାଇଥିବା ଦେଖି ମିନତୀଙ୍କ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ।

### ବୋମାମାଡ଼ରେ କାନ୍ଥ ଭାଙ୍ଗିଲା

**ନିଶ୍ଚିନ୍ତକୋଇଲି,୧୭।୧୧(ସ୍ୱ.ପ୍ର.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ତଥା ସାଲେପୁର ଥାନା ଅଧୀନ ରାମକୃଷ୍ଣପୁର ପଞ୍ଚାୟତର ପାଟପାରୀ ଗାଁର ଜଣେ ବ୍ୟକ୍ତିଙ୍କ ଘରକୁ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ବୋମାମାଡ଼ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏଥିରେ ଘରର କାନ୍ଥ ସହ କାର ଭାଙ୍ଗି ଯାଇଛି। ବୁଧବାର ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି।

ଅଭିଯୋଗ ମୁତାବକ, ପାଟପାରୀ ଗାଁର ଅଶୋକ ସାମଲ ଘରେ ନ ଥିବା ସୁଯୋଗ ନେଇ ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ତାଙ୍କ ଘର ଉପରେ ଅତର୍କିତ ଭାବେ ୪ଟି ବୋମାମାଡ଼ କରିଥିଲେ। ବୋମାଗୁଡ଼ିକ ନଡ଼ିଆ ଗଛ, ଘରର କାନ୍ଥ ଓ ଘର ଆଗରେ ଥିବା କାର ଉପରେ ପଡିଥିଲା। ଫଳରେ ଘର କାନ୍ଥ ସହ କାର ପଛପାର୍ଶ୍ୱ ଭାଙ୍ଗି ଯାଇଛି। ରାତ୍ରିରେ ବଡ଼ ଶବ୍ଦ ହେବାରୁ ପରିବାର ଲୋକେ ଉଠି ଘଟଣାସ୍ଥଳ ସମ୍ପର୍କରେ ନିରୀକ୍ଷଣ କରିଥିଲେ ହେଁ ସାହସ ଜୁଟାଇ ପଦାକୁ ଆସି ନ ଥିଲେ। ସକାଳେ ସାଲେପୁର ଥାନାକୁ ପ୍ରଥମେ ଖବର ଦେଇଥିଲେ। ପୋଲିସ ତଦନ୍ତ କରି ବୋମାରେ ବ୍ୟବହୃତ ସୁତୁଲି, ଗୋଡି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏ ନେଇ ଅଶୋକଙ୍କ ପୁତୁରା ରମେଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୩୧୭/୨୧ରେ ମାମଲା ରୁଜୁ କରିଛି। ହେଲେ ପୋଲିସ ଅଭିଯୁକ୍ତଙ୍କୁ ଧରି ପାରିନାହିଁ। ତେବେ ବୋମାମାଡ଼ କାରଣ ଅସ୍ପଷ୍ଟ ରହିଥିବା ପୋଲିସ କହିଛି।

## ଉପାସିକାଙ୍କ ବିୟୋଗରେ ଶୋକସଭା

ଭୁବନେଶ୍ୱର, (ବ୍ୟୁରୋ): ଭାରତୀୟ ମହାବୋଧି ସଂଘ ସାଧାରଣ ସମ୍ପାଦକ ସିଓଲ ଥେରୋଙ୍କ ମା'ଉପାସିକାଙ୍କ ୯୪ବର୍ଷ ବୟସରେ ମଙ୍ଗଳବାର ଶ୍ରୀଲଙ୍କାରେ ବିୟୋଗ ଘଟିଛି। ଖବର ପାଇବା ପରେ ଓଡ଼ିଶା ଶାଖା ପକ୍ଷରୁ ବୁଦ୍ଧମନ୍ଦିରସ୍ଥିତ ବୋଧିଦ୍ରୁମ ନିକଟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଶାଖା ସଭାପତି ତଥା ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପାସିକାଙ୍କ ଆତ୍ମାର ଶାନ୍ତି ପାଇଁ ଦୁଇମିନିଟ୍ ନୀରବ ପ୍ରାର୍ଥନା, ଦୀପଦାନ ଓ ସୂତ୍ରପାଠ କରାଯିବା ପରେ ଭାରତୀୟ ମହାବୋଧି ସଂଘ ଉପସଭାପତି ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଉପାସିକାଙ୍କ ବୁଦ୍ଧଧର୍ମ ଓ ସଂଘ ପ୍ରତି ଥିବା ସମର୍ପଣ ଭାବ ଉପରେ ଆଲୋକପାତ କରିଥିଲେ।

**ସଂକ୍ଷେପରେ**

## ୱାକାଥନ୍‌ରେ ମଧୁମେହ ସଚେତନତା ବାର୍ତ୍ତା

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ):** ମଧୁମେହ ରୋଗ ଏବେ ଏକ ନୀରବ ବ୍ୟାଧି ପାଲଟିଯାଇଛି। ମଧୁମେହ ହୋଇଥିବା ଜାଣିସାରିବା ପରେ ମଧ ଅଧିକାଂଶ ଲୋକ ଏହାକୁ ହାଲୁକାରେ ନେଇଥାଆନ୍ତି। ମଧୁମେହ ଜଟିଳ ରୂପ ଧାରଣ କରିବା ପୂର୍ବରୁ ଏକାଧିକ ସାଧାରଣ ଉପାୟ ଅବଲମ୍ବନ କଲେ ଏହାକୁ ନିୟନ୍ତ୍ରଣରେ ରଖାଯାଇପାରିବ ବୋଲି ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶିକା ଡା. ବି. ଗୀତାଞ୍ଜଳି ପ୍ରକାଶ କରିଛନ୍ତି। ମଧୁମେହ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି ନେଇ ଏମ୍‌ସ ପକ୍ଷରୁ ବୁଧବାର ୱାକାଥନ୍‌ର ଆୟୋଜନ କରାଯାଇଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ପୋଲିସ୍ ଟ୍ରେନିଂ ଏକାଡେମୀ ନିକଟରୁ ବାହାରି ଏମ୍‌ସରେ ଶେଷ ହୋଇଥିବା ଏହି ୱାକାଥନ୍‌କୁ ଡା. ଗୀତାଞ୍ଜଳି ଉଦ୍‌ଘାଟନ କରିଥିଲେ। ଏଣ୍ଡୋକ୍ରାଇନୋଲୋଜି ବିଭାଗର ବିଭାଗୀୟ ମୁଖ୍ୟ ଡ. କିଶୋର ବେହେରା, ଏମ୍‌ସ ଭୁବନେଶ୍ୱର ଡିନ୍ ଡା. ଦେବାଶିଷ ହୋତା, ଫାକଲ୍ଟି, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ।

## ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ କରୋନା

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ):** କଂଗ୍ରେସର ବରିଷ୍ଠ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ତାଙ୍କ ପରିବାର ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। କିଛିଦିନ ପୂର୍ବରୁ ତାଙ୍କ ସ୍ତ୍ରୀ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏବେ ବିଧାୟକ ରାଉତରାୟ ହୋମ୍ ଆଇସୋଲେଶନରେ ରହିଥିବାବେଳେ ତାଙ୍କ ସ୍ତ୍ରୀ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ଦିଆଯାଇଛି।

## ଉମେଶ ସ୍ୱାଇଁଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ):** ପୂର୍ବତନ ବିଧାୟକ ଉମେଶ ସ୍ୱାଇଁଙ୍କ ବିୟୋଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ସେ କହିଛନ୍ତି, ସ୍ୱାଇଁଙ୍କ ସହ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ରହିଥିଲା। ସେ ବାଲିକୁଦା ନିର୍ବାଚନ ମଣ୍ଡଳୀରୁ ୪ଥର ନିର୍ବାଚିତ ହୋଇଥିଲେ। ଓଡ଼ିଶା ରାଜନୀତିରେ ସେ ଜଣେ ଟାଣୁଆ ଓ ସଂଗ୍ରାମୀ ନେତା ଥିଲେ। ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

# ସଫେଇ କର୍ମୀଙ୍କୁ ପକ୍କାଘର ଦେବ ବିଏମ୍‌ସି

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

- ୨ ମାସ ମଧ୍ୟରେ ରାସ୍ତା ଓ ଡ୍ରେନ ନିର୍ମାଣ
- ପ୍ରାଥମିକ ବ୍ୟୟ ଅଟକଳ ୭.୫ ଲକ୍ଷ

ସଫେଇକର୍ମୀଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପକ୍କାଘର ମିଳିବ। ସେମାନେ ରହୁଥିବା ସ୍ଥାନକୁ ୨ ମାସ ଭିତରେ ରାସ୍ତା ଓ ଡ୍ରେନ୍ ନିର୍ମାଣ ହେବ। ସଫେଇ କର୍ମୀଙ୍କ ପିଲାଙ୍କୁ ଉନ୍ନତ ଶିକ୍ଷା ଯୋଗାଇବା ଲକ୍ଷ୍ୟରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପନ ସହ ଖେଳକୁଦ ପାଇଁ ଏକ ଛୋଟ ପାର୍କ ମଧ କରାଯିବ। ଏନେଇ ପ୍ରାଥମିକ ଭାବେ ବିଏମ୍‌ସି ପକ୍ଷରୁ ୭.୫ ଲକ୍ଷର ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ଜାତୀୟ ସଫେଇ କମିଶନଙ୍କ ସଦସ୍ୟ ପି.ପି. ଭାଭା ସଫେଇ କର୍ମୀଙ୍କ ଆବାସସ୍ଥଳ ଗସ୍ତ ସମୟରେ ବିଏମ୍‌ସି ପକ୍ଷରୁ ଏହି ପ୍ରତିଶ୍ରୁତି ଦିଆଯାଇଛି।

ସୂଚନା ଅନୁଯାୟୀ, ବୁଧବାର ଜାତୀୟ ସଫେଇ କମିଶନ ସଦସ୍ୟ ଭାଭା ବାପୁଜୀ ନଗରସ୍ଥିତ କେଦାର ପଲ୍ଲୀରେ ଥିବା ସଫେଇ କର୍ମୀଙ୍କ ଆବାସସ୍ଥଳ ଗସ୍ତ କରିଥିଲେ। ସାମାଜିକ କର୍ମୀ ଅଶ୍ୱିନୀ ମହାପାତ୍ର, ଦେବାଶିଷ ମହାପାତ୍ର ଓ ସଫେଇକର୍ମୀ ମହାସଂଘ ସମ୍ପାଦକ ଗୁରୁବାରୀ ନାୟକ ସଫେଇକର୍ମୀଙ୍କ କ୍ଷେତ୍ରରେ ଥିବା ସମସ୍ୟାଗୁଡ଼ିକୁ ଭାଭାଙ୍କ ଦୃଷ୍ଟିଗୋଚର କରାଇଥିଲେ। ଭାଭା ଏହାର ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ଖୁବ୍‌ଶୀଘ୍ର ଏକ କମିଟି ଗଠନ ହେବ। ସେଥିରେ ବିଏମ୍‌ସିର ବରିଷ୍ଠ ଅଧିକାରୀଙ୍କ ସହ ସଫେଇକର୍ମୀ ଓ କେତେଜଣ ସାମାଜିକ କର୍ମୀ ରହିବେ। ପ୍ରତି ୩ ମାସରେ ଥରେ କମିଟିର ବୈଠକ ହେବ। ସଫେଇକର୍ମୀଙ୍କ କ୍ଷେତ୍ରରେ ଥିବା ସମସ୍ୟା ଓ ତା'ର ସମାଧାନ ନେଇ ଆଲୋଚନା ହେବ। ଏହାକୁ ଜାତୀୟ ସଫେଇ କମିଶନଙ୍କ ସଦସ୍ୟ ତାଙ୍କ ଗସ୍ତ ସମୟରେ ଯାଞ୍ଚ କରିବେ।



ବୁଧବାର ବଡ଼ଓଷା ଅବସରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ।

## ଫରେନ୍‌ସିକ ଲାବ୍‌ରେ ୨ ନୂଆ ୟୁନିଟ୍ ଶୁଭାରମ୍ଭ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

ନିର୍ଭୟା ଯୋଜନାରେ ଭୁବନେଶ୍ୱର ରସୁଲଗଡ଼ରେ ଥିବା ରାଜ୍ୟ ଫରେନ୍‌ସିକ୍ ଲାବ୍‌ରେ ବୁଧବାର ସନ୍ଧ୍ୟାରେ ଦୁଇଟି ନୂଆ ୟୁନିଟ୍‌ର ଶୁଭାରମ୍ଭ ହୋଇଛି। ଡିଏନ୍‌ଏ ପ୍ରୋଫାଇଲ ୟୁନିଟ୍ ଓ ସାଇବର୍ ଫରେନ୍‌ସିକ ୟୁନିଟ୍‌କୁ ପୋଲିସ ମହାନିର୍ଦ୍ଦେଶକ ଅଭୟ ଉଦ୍‌ଘାଟନ କରିଛନ୍ତି। ଏହି ୟୁନିଟ୍‌ରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଯନ୍ତ୍ରପାତି ଉପଲବ୍ଧ ରହିଛି। ଏଥିସହ ଠିକା ଭାବେ ବୈଷୟିକ ବିଶେଷଜ୍ଞମାନଙ୍କୁ ନିୟୋଜିତ କରାଯାଇଛି। କାର୍ଯ୍ୟକ୍ରମରେ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା, ରାଜ୍ୟ ଫରେନ୍‌ସିକ ପରୀକ୍ଷାଗାରର ଆଇଜି ରାଜେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବାଇକଲ କ୍ୟାନସର ନିବାରଣର ପ୍ରଥମ ବାର୍ଷିକୀ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ପକ୍ଷରୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସଆଇ) ଓ କ୍ରିଆ ଫାଉଣ୍ଡେଶନ ସହଯୋଗରେ ବୁଧବାର ରାଜାରାଣୀ ମନ୍ଦିର ପରିସରରେ ସର୍ବାଇକଲ ବା ଗର୍ଭାଶୟ ଗ୍ରୀବା କ୍ୟାନସର ନିବାରଣର ପ୍ରଥମ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ସର୍ବାଇକଲ କ୍ୟାନସର ସୂଚକ ନୀଳମିଶା ସବୁଜ ରଙ୍ଗରେ ରାଜାରାଣୀ ମନ୍ଦିରକୁ ରଙ୍ଗାୟିତ କରାଯାଇଥିଲା। କ୍ରିଆ ଫାଉଣ୍ଡେଶନ ପକ୍ଷରୁ ଲିଲି ଜେନାମଣୀ କହିଛନ୍ତି, ରାଜାରାଣୀ ମନ୍ଦିରକୁ ଏପରି ରଙ୍ଗାୟିତ କରି ସ୍ମାର୍ଟ ସିଟି ଓ ଆଚାର୍ଯ୍ୟ ହରିହର କ୍ୟାନସର ହସ୍ପିଟାଲ ଏହି କ୍ୟାନ୍‌ସରକୁ ହରାଇବା ଦିଗରେ ଆଉପଦେ ଆଗକୁ ଯିବା ପାଇଁ ଚେଷ୍ଟା କରିଛି।

# ଗୃହରକ୍ଷୀଙ୍କ ଆନ୍ଦୋଳନ ବନ୍ଦ ପାଇଁ ଷଡ଼ଯନ୍ତ୍ର

**ଭୁବନେଶ୍ୱର,୧୭।୧୧(ବ୍ୟୁରା)**

**ଅଭିଯୋଗ ଆଣିଲା ରାଜ୍ୟ ଗୃହରକ୍ଷୀ ମହାସଂଘ**

ରାଜ୍ୟ ସରକାର ଓ ପ୍ରଶାସନ ବିଭାଗ ଗୃହରକ୍ଷୀଙ୍କ ପ୍ରତି ବୈମାତୃକ ମନୋଭାବ ରଖିଥିବା ରାଜ୍ୟ ଗୃହରକ୍ଷୀ ମହାସଂଘ ଅଭିଯୋଗ କରିଛି। ଏପରିକି ଆନ୍ଦୋଳନ ବନ୍ଦ ପାଇଁ ଷଡ଼ଯନ୍ତ୍ର କରାଯାଉଥିବାରୁ ସଂଘ ସଭାପତି ଉପେନ୍ଦ୍ର ମହାପାତ୍ର ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, ଗତ ସେପ୍ଟେମ୍ବର ପହିଲାରୁ ବିଧାନସଭା ସମ୍ମୁଖରେ ମହାସଂଘ ଆମରଣ ଅନଶନ ସହିତ ଶାନ୍ତିପୂର୍ଣ୍ଣ ଧାରଣା ଦେଇ ଆସୁଛି। ମୁଖ୍ୟ ଶାସନ ସଚିବ, ଗୃହ ସଚିବ, କମିଶନର ଓ ଭୁବନେଶ୍ୱର ଡିସିପିଙ୍କୁ ଗତ ଅଗଷ୍ଟ ୨୫ରେ ଚିଠି ମାଧ୍ୟମରେ ଜଣାଇ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଗଣତାନ୍ତ୍ରିକ ପଦ୍ଧତିରେ ଏହି ଧାରଣା ଜାରି ରହିଛି। ଅନଶନରେ ଦୀର୍ଘଦିନ ଧରି ବସିବା ପରେ ମାଳତୀ ରାଉତ ଅସୁସ୍ଥ ହୋଇପଡିଥିଲେ। ତେବେ ନଭେମ୍ବର ୧୬ ରାତି ୧୦ଟା ୩୦ରେ ଥାନା ଆଇଆଇସି ଗିରିଜା ଶଙ୍କର ଚକ୍ରବର୍ତ୍ତୀ ଏକ ଚିଠି ଧରି ଧାରଣାସ୍ଥଳରେ ପହଞ୍ଚି ପ୍ରଦାନ କରିଥିଲେ। ଉକ୍ତ ଚିଠିରେ ଉଲ୍ଲେଖ ରହିଥିଲା, ଏହି ଅନଶନରେ ଆପଣମାନଙ୍କ ମୃତ୍ୟୁ ପାଇଁ ପୋଲିସ ଓ ରାଜ୍ୟ ସରକାର କେହି ଦାୟୀ ରହିବେ ନାହିଁ। ତୁରନ୍ତ ଆପଣମାନେ ଧାରଣା ପ୍ରତ୍ୟାହାର କରନ୍ତୁ, ନଚେତ୍ ଆଇନ ଅନୁଯାୟୀ ଦଣ୍ଡିତ ହେବେ। ଏଭଳି ଧମକ ପଛରେ କେଉଁ ସ୍ୱାର୍ଥ ଲୁଚି ରହିଛି। ଏଭଳି ମନ୍ତବ୍ୟରୁ ପ୍ରଶାସନ କ୍ରିୟାଶୀଳ ହେବା ପରିବର୍ତ୍ତେ ଷଡଯନ୍ତ୍ର ମୂଳକ ଗଣହତ୍ୟା କରୁଛି ବୋଲି ମହାସଂଘ କହିଛି। ଗଣତନ୍ତ୍ର ପଦ୍ଧତିରେ ବସିଥିବା ଗୃହରକ୍ଷୀଙ୍କ ପାଇଁ ସାମ୍ବିଧାନିକ ଆଇନ ବ୍ୟବସ୍ଥା ଅନୁଯାୟୀ ଯେଉଁ ଦଣ୍ଡ ବିଧାନ ରହିଛି, ତାକୁ ଗୃହରକ୍ଷୀମାନେ ମାନିବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ସଭାପତି ମହାପାତ୍ର କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ସପୁନ୍



@ ସୁଜିତ



@ ଲୋକନାଥ



@ ଲିଜା



@ ରତିକାନ୍ତ



@ ସିଲୁ

# ଭାଜପା ଯୁବ ମୋର୍ଚ୍ଚାର ଦସ୍ତଖତ ଅଭିଯାନ

**ଭୁବନେଶ୍ୱର,୧୭।୧୧(ବ୍ୟୁରୋ)**

**ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ବହିଷ୍କାର, ସିବିଆଇ ତଦନ୍ତ ଦାବି**

ମମିତା ମେହେରଙ୍କ ହତ୍ୟା ଘଟଣାରେ ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ତୁରନ୍ତ ଗିରଫ କରି ତଦନ୍ତ ପରିସରଭୁକ୍ତ କରିବା ପାଇଁ ଭୁବନେଶ୍ୱର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଏନେଇ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ସମ୍ମୁଖରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, ଭୁବନେଶ୍ୱର ଭାଜପା ସଭାପତି ବାବୁ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହରେକୃଷ୍ଣ ଖୁଣ୍ଟିଆ, ଜିଲା ଯୁବ ମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲି, ଜିଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ, ଦିଲୀପ ବେହେରା, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନୀଲ ପ୍ରଧାନ, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ମନୋଜ ପଣ୍ଡିମକବାଟ, ରାଜ୍ୟ ଓବିସି ମୋର୍ଚ୍ଚା କୋଷାଧ୍ୟକ୍ଷ ସଂଗ୍ରାମ ନାୟକ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ସମୃଦ୍ଧ ଓଡ଼ିଶା କଥା ଚିନ୍ତା କରୁଥିଲେ ହରିଶଚନ୍ଦ୍ର ବକ୍ସିପାତ୍ର

**ଭୁବନେଶ୍ୱର,୧୭।୧୧ (ବ୍ୟୁରୋ)**

ବନବାସୀଙ୍କ ନେତା, ଦରଦି ହୃଦୟର ମଣିଷ ତଥା ଖରସୁଆଁ ଷଢେଇକଳା ଆନ୍ଦୋଳନର ପୁରୋଧା ଜନନାୟକ ହରିଶଚନ୍ଦ୍ର ବକ୍ସିପାତ୍ରଙ୍କ ୮୮ତମ ଜନ୍ମ ବାର୍ଷିକୀ ସୂଚନା ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଆଭାସୀ ମାଧ୍ୟମରେ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ସାମ୍ବାଦିକ ପଦ୍ମଭୂଷଣ ଶେଖର ଗୁପ୍ତା, ସମ୍ମାନିତ ଅତିଥି ଭାବେ ସ୍ମୃତି କମିଟି ସଭାପତି ପଞ୍ଚାନନ କାନୁନ୍‌ଗୋ ଓ ବିଧାୟକ ଅମର ଶତପଥୀ ଯୋଗଦେଇ ହରିଶଚନ୍ଦ୍ରଙ୍କ ସ୍ମୃତିଚାରଣ କରଥିଲେ। ୯୦ ଦଶକରେ ଅନେକ ମନ୍ତ୍ରୀ ଥିଲେ, କିନ୍ତୁ ହରିଶବାବୁ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ବିଜୁବାବୁଙ୍କ ଅତିଗ୍ରହଣୀୟ ହେଉଥିଲା। ସମ୍ପଦଭରା ଓଡିଶାର ଆଲୋଚନା ସମସ୍ତେ କରୁଛେ, କିନ୍ତୁ ସେ ସମୃଦ୍ଧିର ଓଡିଶା ସମ୍ପର୍କରେ ସର୍ବଦା ଚିନ୍ତିତ ଥିଲେ। ଭାଷାଭିତ୍ତିକ ଓଡିଶା ଗଠନର ସୂତ୍ରଧର ମଧୁବାବୁଙ୍କ ଅନେକ ଅଧୁରା କଥାକୁ ଉତ୍କଳ ସମ୍ମିଳନୀର ସଭାପତି ଥିବା ସମୟରେ ତାହାକୁ ପୂରଣ କରିବା ପାଇଁ ହରିଶ ବକ୍ସିପାତ୍ରଙ୍କ ପ୍ରୟାସ ଅଭୁଲା ଥିଲା। ତାଙ୍କ ଭଳି ଅନେକ ନେତା ସମାଜକୁ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ତଥା ଶିଶୁଲେଖା ସମ୍ପାଦନା ମଣ୍ଡଳୀର ସଦସ୍ୟ ମହେଶ୍ୱର ମୂଳିଆ ଓ ସମାଜସେବୀ ସୁଧିର ରାଉତକୁ ସମ୍ମାନିତ କରାଯାଇଥିଲା। ଲୋକନୀତିର ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସ୍ୱର୍ଗବାସୀ ହରିଶଚନ୍ଦ୍ର ବକ୍ସିପାତ୍ରଙ୍କ ସୁକନ୍ୟା ତଥା ସ୍ମୃତିକମିଟିର ସମ୍ପାଦିକା ଲୋପାମୁଦ୍ରା ବକ୍ସିପାତ୍ର ଅତିଥି ପରିଚୟ ଦେଇଥିଲେ।

# କଣ୍ଠଶିଳ୍ପୀ ଆକାଂକ୍ଷା ସାହୁଙ୍କୁ 'ପିଲାଙ୍କ ଅକ୍ଷୟ ସମ୍ମାନ'

**ଭୁବନେଶ୍ୱର,୧୭।୧୧ (ବ୍ୟୁରୋ)**

**୩୨ତମ ପିକକ୍ ଶିଶୁମେଳା**

ପିକକ୍ ଓ ରୋଟାରୀ କ୍ଲବ ପକ୍ଷରୁ ୩୨ତମ ପିକକ୍ ଶିଶୁମେଳାର ଚତୁର୍ଥ ସନ୍ଧ୍ୟା ବୁଧବାର ଗୁରୁ କେଳୁ ଚରଣ ମହାପାତ୍ର ରିସର୍ଚ୍ଚ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଓଡିଶାର ବିଶିଷ୍ଟ ସଙ୍ଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ଉଦ୍ଦେଶ୍ୟରେ ଏହି ସନ୍ଧ୍ୟା ସମର୍ପିତ ଥିଲା। ଶିଶୁ କଣ୍ଠଶିଳ୍ପୀମାନେ ଅକ୍ଷୟଙ୍କ ଗୀତ ଗାଇଥିଲେ। ସମ୍ମାନିତ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, ବନ୍ଦିତା ଦାସ ପ୍ରମୁଖ ଯୋଗଦେଇ ଅକ୍ଷୟ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ମହିଳା ଓ ଶିଶୁ ବିଭାଗର ପରାମର୍ଶଦାତ୍ରୀ ସୁଲତା ଦେଓ, ପିକକ୍ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ସମ୍ପାଦକ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଆକାଂକ୍ଷା ସାହୁଙ୍କୁ 'ପିଲାଙ୍କ ଅକ୍ଷୟ ସମ୍ମାନ' ପ୍ରଦାନ କରାଯାଇଥିଲା। ପିକକ୍‌ର ଅଧ୍ୟକ୍ଷା ମିନାକ୍ଷୀ ପଣ୍ଡା ସଭାର ଅଧ୍ୟକ୍ଷତା କରିଥିଲେ। ରତ୍ନା ଦାଶ, ଜ୍ୟୋତିଶଙ୍କର ମହାନ୍ତି, କାର୍ତ୍ତିକ ଚନ୍ଦ୍ର ଦାସ, ଅଲ୍ପନା ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହାର ସିଧାପ୍ରସାରଣ ଡିଜିଟାଲ ମାଧ୍ୟମରେ ମଧ କରାଯାଇଥିଲା।



ମମିତା ମେହେରଙ୍କ ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ ସହ ତଦନ୍ତ ପରିସରଭୁକ୍ତ ପାଇଁ ଭୁବନେଶ୍ୱର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବୁଧବାର ମାଷ୍ଟରକ୍ୟାଣ୍ଟିନ ଛକରେ ଦସ୍ତଖତ ଅଭିଯାନ।



କଳାହାଣ୍ଡି ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ବୁଧବାର ମହିଳା ଅଧିକାର ଅଭିଯାନ (ମା') ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।



ପୁରୀଠାରେ ବୁଧବାର ବ୍ୟଙ୍ଗ ସାହିତ୍ୟିକ ମୋହନଦାସ ରତିକାନ୍ତ ରାଓ (ଏମ୍‌ଆର୍ କେଆର୍)ଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ସ୍ମରଣିକା ବାଇଟୁଙ୍ଗୁରି ଉନ୍ମୋଚନ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୮ ନଭେମ୍ବର ୨୦୨୧



## ସଂକ୍ଷେପରେ

### ୧୮ରୁ ଆବେଦନ, ୨୪ରେ ମେରିଟ୍ ଲିଷ୍ଟ

**ଯୁକ୍ତ୨ରେ ତୃତୀୟ ପର୍ଯ୍ୟାୟ ନାମଲେଖା**

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ) :** ଯୁକ୍ତ୨ ପ୍ରଥମ ବର୍ଷରେ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଖାଲି ପଡ଼ିଥିବା ସିଟ୍‌ରେ ଏହି ନାମଲେଖା ହେବ। ଏଥିପାଇଁ ଆସନ୍ତା ୧୮ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୱେବ୍‌ସାଇଟ୍ www.samsodisha.gov.inରେ କମନ୍ ଆପ୍ଲିକେସନ ଫର୍ମ(ସିଏଏଫ୍) ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ୨୨ ତାରିଖ ରାତି ୧୧ଟା ୫୫ ସୁଦ୍ଧା ଆବେଦନ କରିବେ। ୨୪ ତାରିଖ ଅପରାହ୍ନ ୩ଟାରେ ମେରିଟ୍ ଓ ୱେଟିଂ ଲିଷ୍ଟ ପ୍ରକାଶ ପାଇବ।

### ୬ ବାଇକ୍ ସହ ୫୨ ହଜାର ଟଙ୍କା ଜବତ

**୧୪ ଜୁଆଡ଼ି ଗିରଫ**

**ଟାଙ୍ଗୀ(ଖୋର୍ଦ୍ଧା),୧୭।୧୧(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଡ଼ା ପଞ୍ଚାୟତର ପାଣିଦୁଆର ଗ୍ରାମରେ ମଙ୍ଗଳବାର ରାତିରେ ଜୁଆଆଡ୍ଡା ଉପରେ ପୋଲିସ ଚଢ଼ାଉ କରି ୧୪ଜଣ ଜୁଆଡ଼ିଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ୬ଟି ବାଇକ, ୧୧ଟି ମୋବାଇଲ ସହ ୫୨ ହଜାର ୨୦୦ ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ନଂ. ୪୪୫/୨୧ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ବିଜୟ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ଏହି ଗ୍ରାମରେ ଜୁଆ ଖେଳ ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଗିରଫ ଅଭିଯୁକ୍ତମାନେ ହେଲେ କଳିଙ୍ଗ ବେହେରା, ଦୀନବନ୍ଧୁ ବେହେରା, ବିନୋଦ ବେହେରା, ଆରତ ଘଡ଼େଇ, ଦୁଃଶାସନ ବେହେରା, କାଳୁ ବେହେରା, ଅଜୟ ବେହେରା, ସୁନୀଲ ବେହେରା, ମିଟୁ ବେହେରା, ରାମ ବେହେରା, କରୁଣାକର ବେହେରା, ମଧୁ ବେହେରା ଓ ନିବାସୀ ବେହେରା।

### ଲଘୁଚାପ ବର୍ଷାରେ ଫସଲ ନଷ୍ଟ

**କୃଷ୍ଣପ୍ରସାଦ,୧୭।୧୧(ଡି.ଏନ୍.ଏ.):** ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଚାଷୀଙ୍କ ଚିନ୍ତା ବଢ଼ାଇଛି। ସିଆଣ୍ଡି ପଞ୍ଚାୟତ ଗୋପାଳପୁର ଗ୍ରାମରେ ଶମ୍ଭୁନାଥ ପଲେଇଙ୍କର ଦୁଇ ଏକରରୁ ଊର୍ଦ୍ଧ୍ୱ ପାଚିଲା ଧାନ ବର୍ଷା ପାଣିରେ ଭାସୁଥିବାରୁ ଧାନ ଗଛ ପଚିଯିବାର ସମ୍ଭାବନା ଦେଖାଦେଇଛି। କୃଷ୍ଣପ୍ରସାଦ ପଞ୍ଚାୟତ ପାଇକସାହି ଗ୍ରାମର ରାଜକିଶୋର ନାୟକ, ସୁବାସ ନାୟକ, ଅମର ଭାରିମଲ୍ଲ, ଅଜୟ ଜେନା, ସାଧୁ ସାହୁ, କେଲୁଚରଣ ସିଂହ, ବିରଞ୍ଚି ଗୁରୁ, ହରମୋହନ ମାନସିଂହ, ପ୍ରଭାତ ନାୟକ, ଦୁର୍ଗାଚରଣ ସେଠୀ, ରମେଶଚନ୍ଦ୍ର ଦଳବେହେରାଙ୍କ ପାଚିଲା ଧାନ ବର୍ଷାପାଣିରେ ବୁଡ଼ି ରହିଥିବାରୁ ସବୁ ଚାଷୀ ଚିନ୍ତାରେ ଅଛନ୍ତି।

# ବ୍ୟାଙ୍କ ପ୍ରତିନିଧି ସାଜିବେ ମିଶନ ଶକ୍ତି ସଦସ୍ୟ

## ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

**ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)**

ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଆବଶ୍ୟକସ୍ଥଳେ ମିଶନ ଶକ୍ତି ସଦସ୍ୟଙ୍କ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଅ। ଏହାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବ୍ୟାଙ୍କ ସୁବିଧା ନ ଥିବା ପଞ୍ଚାୟତରେ ମିଶନ ଶକ୍ତି ସଦସ୍ୟଙ୍କୁ ବ୍ୟାଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟଙ୍କୁ ସରକାରୀ ବିଭାଗ କାମ ଯୋଗାଇ ଦେବା ସମ୍ପର୍କରେ ଆୟୋଜିତ ସମୀକ୍ଷା କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ଆଲୋଚନାରେ ଭାଗନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ରାଜ୍ୟ ସରକାରଙ୍କ ସବୁ ବିଭାଗ ମିଶନ ଶକ୍ତି ଗୋଷ୍ଠୀର ମା' ମାନଙ୍କୁ କାମ ଯୋଗାଇ ଦେବାପାଇଁ ୩ ବର୍ଷ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ମିଶନ ଶକ୍ତି ବିଭାଗ ସଚିବ ସୁଜାତା କାର୍ତ୍ତିକେୟନ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ୧୩ଟି ବିଭାଗ ୧ଲକ୍ଷ ୪ ହଜାର ୭୧୨ ମିଶନ ଶକ୍ତି ଗୋଷ୍ଠୀକୁ ୧୨୦୦ କୋଟି ଟଙ୍କାର ବିଜ୍‌ନେସ୍ ଯୋଗାଇ ଦେଇଛନ୍ତି। ଗୋଷ୍ଠୀ ସଦସ୍ୟମାନେ ୨୯୬ କୋଟି ଟଙ୍କାର ରୋଜଗାର ପାଇଛନ୍ତି। ରାଜ୍ୟର ୬,୭୯୮ ପଞ୍ଚାୟତରୁ ମାତ୍ର ୨,୧୪୯ ଗ୍ରାମରେ ବ୍ୟାଙ୍କ ଶାଖା ରହିଛି। ୪,୬୪୯ ପଞ୍ଚାୟତରେ ବ୍ୟାଙ୍କ ଶାଖା ନାହିଁ। ଏସବୁ ପଞ୍ଚାୟତରେ ମିଶନ ଶକ୍ତି ସଦସ୍ୟଙ୍କୁ ବ୍ୟାଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଜାରିରହିଛି। ଅଦ୍ୟାବଧି ୧,୨୬୨ ନିଯୁକ୍ତି ଦିଆସରିଛି। ୩,୫୦୮ ଗୋଷ୍ଠୀର ମା'ମାନଙ୍କର ଚୟନ ପ୍ରକ୍ରିୟା ଚାଲିଛି। ନିଯୁକ୍ତି ପାଇଥିବା ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାସିକ ୨୦୦୦ ଟଙ୍କା ଲେଖାଏ ଯୋଗାଇ ଦିଆଯାଉଛି ବୋଲି ମିଶନ ଶକ୍ତି ସଚିବ ସୂଚନା ଦେଇଛନ୍ତି। ଯେଉଁ ବିଭାଗ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରିନାହାନ୍ତି, ସେମାନଙ୍କ ପାଇଁ ଖୁବ୍ ଶୀଘ୍ର ଆଉ ଏକ ସମୀକ୍ଷା ବୈଠକ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ। ଉନ୍ନୟନ କମିଶନର ପି.କେ. ଜେନାଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଉପସ୍ଥିତ ଥିଲେ।

### ହାତୀ ଶିକାର ପାଇଁ ବିଛାଯାଇଥିଲା ବିଦ୍ୟୁତ୍ ତାର

**ନିରାକାରପୁର,୧୭।୧୧ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଖଜୁରିପଡା ଅଞ୍ଚଳରେ ହାତୀ ଶିକାର ପାଇଁ ବିଲରେ ବିଦ୍ୟୁତ୍ ତାର ବିଛାଯାଇଥିଲା। ବିଶେଷସୂତ୍ରରୁ ଖବରପାଇ ବନ ବିଭାଗ କର୍ମଚାରୀମାନେ ବୁଧବାର ସେଠାରେ ଚଢ଼ାଉ କରି ଉକ୍ତ ବିଦ୍ୟୁତ୍ ତାରକୁ ଜବତ କରିଛନ୍ତି। ଏଥିସହ ବିଦ୍ୟୁତ୍ ସଂଯୋଗ ହୋଇଥିବା ନିକଟସ୍ଥ ପମ୍ପ ହାଉସରୁ ବିଦ୍ୟୁତ୍‌କୁ ବିଚ୍ଛିନ୍ନ କରାଯାଇଛି। ଦୀର୍ଘଦିନ ହେବ ନିରାକାରପୁର ଅଞ୍ଚଳରେ ହାତୀପଲ ଯାତାୟାତ କରୁଥିବାବେଳେ ଶିକାରୀମାନେ ଉକ୍ତ ରାସ୍ତାରେ ଜଗି ରହି ହାତୀ ଶିକାର କରୁଥିଲେ। ଅଧିକାଂଶ ସମୟରେ ବିଦ୍ୟୁତ୍ ତାର ବିଛାଇ ହାତୀ ଶିକାର କରୁଥିବା ନେଇ ବନ ବିଭାଗ ନିକଟରେ ବାରମ୍ବାର ହୋଇଆସୁଥିଲା। ତେବେ ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ସଜାଗ ରହିଥିବାବେଳେ ବୁଧବାର ଖଜୁରପଡ଼ା ଅଞ୍ଚଳରେ ହାତୀ ଶିକାର ପାଇଁ ଯୋଜନା ହେଉଥିବା ସୂଚନା ପାଇଥିଲା। ଖବରପାଇ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନଙ୍କ ନିର୍ଦ୍ଦେଶରେ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପଣ୍ଡା, ଭୁଷଣ୍ଡପୁର ଫରେଷ୍ଟର ସିନ୍ଧୁଚରଣ ସିଂ, ବନକର୍ମଚାରୀମାନେ ଖଜୁରିପଡାରେ ସନ୍ଧ୍ୟାରେ ପହଞ୍ଚି ବିଲ ଗହିରରେ ଖୋଜାଖୋଜି କରିଥିଲେ। ହେଲେ ସେଠାରେ ଥିବା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପଛପଟେ ଗୋଟିଏ ବିଲରେ ଚାରିପଟ ଖୋଲା ଜିଆଇ ତାର ଗୁଡାଯାଇଛି। ସେହି ତାର ଜଳଯୋଗାଣ ଗୃହରୁ ବିଦ୍ୟୁତ ଆସି ବିଲରେ ପଡ଼ିଥିବା ଜିଆଇ ତାରରେ ସଂଯୋଗ ହୋଇଥିଲା। ଏହା ହାତୀ ଶିକାର ପାଇଁ ବିଛାଯାଇଥିବା ଜାଣି ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ। ବିଦ୍ୟୁତ୍ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିଲରେ ସଂଯୋଗ ହୋଇଥିବା ବିଦ୍ୟୁତ ତାରକୁ ପମ୍ପ ହାଉସରୁ ବିଚ୍ଛିନ୍ନ କରି ତାର ଜବତ କରିଥିଲେ। ଏହାଦେଖି ପମ୍ପ ହାଉସ ନିକଟରେ ଥିବା ଜଣେ ଯୁବକ ଖସିପଳାଇଥିଲେ।

ସୂଚନାଯୋଗ୍ୟ, ଯେ ଗତ ଦୁଇ ବର୍ଷତଳେ ଏହି ବିଲଗହିରରେ ଗୋଟିଏ ହାତୀ ମରିକି ପଡିଥିଲା। ତା' ଦେହ ପାଖରେ ଜିଆଇ ତାର ପଡିଥିଲା। ବନ ବିଭାଗ ମଧ୍ୟ ଏଥିପ୍ରତି କୌଣସି ଗୁରୁତ୍ୱ ନ ଦେଇ ଚୁପ ରହିଯାଇଥିଲା। ତେଣୁ ଶିକାରୀମାନେ ବିନା ଭୟରେ ଶିକାର କରୁଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଠିକ ଭାବେ ସଜାଗ ରହିବା ସହ ତଦନ୍ତ କରିବା ଜରୁରୀ ବୋଲି ସାଧାରଣରେ ଦାବି ହେଉଛି।



ଲଘୁଚାପ ବର୍ଷାରେ ଧାନ ଫସଲ କ୍ଷତିଗ୍ରସ୍ତ ଯୋଗୁ ଚାଷୀମାନେ ସହାୟତା ଓ ସମ୍ପୂର୍ଣ୍ଣ ଋଣ ଛାଡ଼ ଦାବିରେ ଗଜାଧାନ ଧରି ବୁଧବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଅଦିନିଆ ବର୍ଷା ଉଜାଡ଼ିଲା ଧାନ ଫସଲ

- ଗଜା ଧାନ ଧରି ଚାଷୀଙ୍କ ବିକ୍ଷୋଭ
- ଋଣ ଛାଡ଼, ସହାୟତା ପାଇଁ ଦାବି

**ଖୋର୍ଦ୍ଧା ଅଫିସ,୧୭।୧୧**

ଚକଡ଼ା ପୋକ ଯୋଗୁ ଧାନ ଫସଲ ନଷ୍ଟ ହେବା ଦୁଃଖ ନ ଯାଉଣୁ ଅଦିନିଆ ବର୍ଷା ପୁଣି ଫସଲକୁ ଉଜାଡ଼ିଦେଲା। ପାଚିଲା ଧାନ ବର୍ଷାପାଣିରେ ବୁଡ଼ିରହି ଏବେ ଗଜା ହେବାକୁ ବସିଲାଣି। ଫଳରେ ଚାଷୀଙ୍କୁ ପରିବାର ପ୍ରତିପୋଷଣ ସହ କରଜ ଶୁଝିବା ଚିନ୍ତା ଘାରିଛି। ବୁଧବାର ଶତାଧିକ ଚାଷୀ ସହାୟତା ଓ ସମ୍ପୂର୍ଣ୍ଣ ଋଣ ଛାଡ଼ ଦାବିରେ ଗଜାଧାନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେହିପରି ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଏନେଇ ପଦକ୍ଷେପ ନେବା ଲାଗି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କ ସହିତ ଆଲୋଚନା କରିଛନ୍ତି।

ପୂର୍ବରୁ ନିଅଣ୍ଟିଆ ବର୍ଷା, ଲଘୁଚାପଜନିତ ବର୍ଷା, ବନ୍ୟାଜଳ ପ୍ରଭାବରେ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତଥାପି କିଛି ଧାନ ଫସଲ ଅମଳ ଆଶାରେ ରହିଥିଲେ। ମାତ୍ର ଏବେ ଅଦିନିଆ ବର୍ଷା ସବୁ କିଛି ଛାରଖାର କରିଦେଲା। ଅନେକ ଚାଷୀ ବ୍ୟାଙ୍କ, ସେବା ସମବାୟ ସମିତି ଓ ମହାଜନଙ୍କଠାରୁ ଲକ୍ଷାଧିକ ଟଙ୍କା ଋଣ ଆଣି ଧାନଚାଷ କରିଥିଲେ। ତେବେ ଦୁଇଦିନ ତଳେ ଲଗାଣ ବର୍ଷା ଯୋଗୁ ଚାଷଜମିରେ ୨ଫୁଟର ପାଣି ଜମି ରହିଛି। ପାଚିଲା ଧାନ ପାଣିରେ ବୁଡ଼ିଛି। ବେଙ୍ଗଳା ପକାଇ ଆଣିଥିବା ଧାନ ସବୁ ଗଜା ହୋଇଯାଇଛି। ଏଭଳି ସମୟରେ ଜିଲା କୃଷି ବିଭାଗର ଅଧିକାରୀ ଚୁପ୍ ବସିଛନ୍ତି ବୋଲି ବୋଲଗଡ଼ ବ୍ଲକ ବଡକୁମାରୀ ଓ ବାଙ୍କୋଇ ପଞ୍ଚାୟତର ହରିକେଶର, ଖାଲିକୋଟ, କନ୍ତାଇଲେ, ଦୁର୍ଗାପୁର, ଶ୍ରୀଚନ୍ଦନପୁର ଏବଂ ଶ୍ରୀଚନ୍ଦନପୁରପାଟଣା ଗ୍ରାମର ଶତାଧିକ ଚାଷୀ ଅଭିଯୋଗ କରିଛନ୍ତି। ବୁଧବାର ଚାଷୀମାନେ ଗଜାଧାନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ସହ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଏବଂ ଋଣ ଛାଡ଼ କରାଯିବାକୁ ଦାବି କରିଛନ୍ତି। ପ୍ରକାଶ ଚନ୍ଦ୍ର ରାଉତରାୟ, ଆର୍ତ୍ତବନ୍ଧୁ ପ୍ରଧାନ, ବାସୁଦେବ ପରିଡ଼ା, ଅର୍ଜୁନ ଜେନା, ଜୟକୃଷ୍ଣ ସୁନ୍ଦରା, ମାନ ସୁନ୍ଦରା, ବଳଭଦ୍ର ମାଝି, କାର୍ତ୍ତିକ ଜେନା, ପାଣ୍ଡବ ମାଝି, ସନାତନ ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ବେହେରା, ମାଗୁଣି ଚରଣ ସ୍ୱାଇଁ ଏବଂ ପ୍ରେମାନନ୍ଦ ସୁନ୍ଦରାୟକ ସମେତ ଶତାଧିକ ଚାଷୀ ବିକ୍ଷୋଭରେ ସାମିଲ ଥିଲେ।

### 'ପରିବାର ପ୍ରତିପୋଷଣ, ଋଣ ଚିନ୍ତା ଘାରିଛି'

ଧାନଫସଲ କ୍ଷତିଗ୍ରସ୍ତ ହେବା ଯୋଗୁ ଚାଷୀଙ୍କୁ ପରିବାର ପ୍ରତିପୋଷଣ ସହ ଋଣ ଶୁଝିବା ଚିନ୍ତା ଘାରିଛି। ହରିକେଶରପୁର ଗ୍ରାମର ଚାଷୀ ଅର୍ଜୁନ ଜେନା କହିଛନ୍ତି, ଦୁଇ ଏକର ଜମିରେ ଫସଲ କରିଛି। ଏଥିଲାଗି ସମବାୟ ସମିତିରୁ ୪୦ହଜାର ଏବଂ କେତେଜଣ ବ୍ୟକ୍ତିଙ୍କଠାରୁ ୪୦ ହଜାର ଟଙ୍କା ଋଣ ଆଣିଛି। ଧାରକରଜ ଶୁଝିବା ଚିନ୍ତା ଘାରିଛି। ସେହିପରି ମାଗୁଣି ଚନ୍ଦ୍ର ସ୍ୱାଇଁ କହିଛନ୍ତି, ୩ ଏକର ଜମିରେ ଚାଷ କରିବାକୁ ୬୦ହଜାର ଟଙ୍କା ଖର୍ଚ୍ଚ କରିଛି। ଡିହଖରୁଣୀ ଗ୍ରାମର ଜୟକୃଷ୍ଣ ଦୋରା ୬୦ହଜାର ଟଙ୍କା କରଜ କରି ଚାଷ କରିଛି, କେମିତି ଶୁଝିବି ଚିନ୍ତା ଘାରିଛି। ବାଙ୍କନିଧି ସୁନ୍ଦରା କହିଛନ୍ତି, ୪ ଏକର ପାଇଁ ୭୦ ହଜାର ଟଙ୍କା ଋଣ କରିଛି। ଏବର୍ଷ ବି ନିରାଶ ହେବାକୁ ପଡିଛି। ସେହିପରି ଆର୍ତ୍ତବନ୍ଧୁ ପ୍ରଧାନ କହିଛନ୍ତି, ଏଥର ୮ ଏକର ଜମିରେ ଫସଲ କରିଥିଲି। ଋଣ ଏବଂ ଅନ୍ୟାନ୍ୟ ବାବଦରେ ୧.୫ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। କନ୍ତାଇଲେ ଗ୍ରାମର ଯୁଗଳକୃଷ୍ଣ ପ୍ରଧାନ କହିଛନ୍ତି, ୫ ଏକର ଜମି ପାଇଁ ୧ଲକ୍ଷ ଟଙ୍କା ଖର୍ଚ୍ଚ କରିଛି। କରୁଣାକର ଜେନା କହିଛନ୍ତି, ଏବର୍ଷ ୧୦ ଏକର ଜମିରେ ଫସଲ କରିଥିଲି। ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ କରିଛି। ଚାଷୀ ବାଇଧର ପ୍ରଧାନ କହିଛନ୍ତି, ପ୍ରାୟ ୧ଲକ୍ଷ ଟଙ୍କା ଋଣ କରିଛି। ହରିକେଶରପୁରର ଚାଷୀ ରଘୁନାଥ ପ୍ରଧାନ ୭୦ ହଜାର ଟଙ୍କା ଋଣ ଆଣିଛି। ଅଦିନିଆ ବର୍ଷା ଯୋଗୁ ଫସଲ ନଷ୍ଟ ହୋଇଛି। ତେଣୁ ସରକାର ଋଣ ଛାଡ଼ ସହ ସହାୟତା ଯୋଗାଇଲେ ଆମେ ଚାଷୀମାନେ ଉପକୃତ ହେବୁ।

# ନନ୍ଦନକାନନରେ ଶିଶୁ ରେଳଗାଡ଼ି ପୁଣି ଅଚଳ



ଜଙ୍ଗଲରେ ଅଟକି ରହିଥିବା ଶିଶୁ ରେଳଗାଡ଼ି।



ଅଟକି ରହିଥିବା ପର୍ଯ୍ୟଟକଙ୍କୁ ଆଣିବାକୁ ଯାଇଥିବା ବସ୍‌ଟି ଅଧାବାଟରେ କାଦୁଅରେ ଫସି ରହିଛି।

**ବାରଙ୍ଗ,୧୭।୧୧(ଡି.ଏନ୍.ଏ.)**

ନନ୍ଦନକାନନରେ ଥିବା ପ୍ରତୀକ୍ଷିତ ଶିଶୁ ରେଳଗାଡ଼ି(ଟୟ ଟ୍ରେନ୍)ର ବିବାଦ ଥମିବାର ନାଁ ଧରୁନାହିଁ। ଶିଶୁ ରେଳଗାଡ଼ି ଚାଲିବାର ଦିନକ ପରେ ପୁଣି ଅଚଳ ହୋଇପଡ଼ିଛି। ବୁଧବାର ଶିଶୁ ରେଳଗାଡ଼ିରେ ପର୍ଯ୍ୟଟକଙ୍କୁ ନେଇ ଫେରୁଥିବାବେଳେ ଚେନରେ ତ୍ରୁଟି ଦେଖାଯାଇଥିଲା। ଫଳରେ ଟ୍ରେନ୍ ଅଧାବାଟରେ ଅଟକିଯିବାରୁ ପର୍ଯ୍ୟଟକମାନେ ଫେରିବାରେ ନାନା ହଇରାଣ ହୋଇଥିଲେ। ଏପରିକି ପର୍ଯ୍ୟଟକଙ୍କୁ ଆଣିବାକୁ ଯାଇଥିବା ବସ୍‌ଟି ମଧ୍ୟ କାଦୁଅ ରାସ୍ତାରେ ଦବିଯାଇଥିଲା। କିଛି ସମୟପରେ ବସ୍‌ଟି ବାହାରିବା ପରେ ପର୍ଯ୍ୟଟକମାନେ ଫେରିଥିଲେ। ତେବେ ଶିଶୁ ରେଳଗାଡ଼ିର ବାରମ୍ବାର ଏଭଳି ତ୍ରୁଟି ପାଇଁ ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ଦାୟୀ କରୁଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ଶିଶୁ ରେଳଗାଡ଼ିଟି ୬ଟ୍ରିପରୁ ଶେଷ ଟ୍ରିପ୍‌ରେ ୬୦ଜଣ ପର୍ଯ୍ୟଟକ ନେଇ ଫେରୁଥିବାବେଳେ ୯ନମ୍ବର ପାଖ ନୂତନ ସଫାରି ରାସ୍ତାର ହରିଣ ଫାଟକ ରାସ୍ତାରେ ହଠାତ୍ ଅଟକିଥିଲା। ପଛ ଇଞ୍ଜିନ ବ୍ୟାଟେରି ଓ ଚେନ୍‌ରେ ତ୍ରୁଟି ଦେଖାଦେବାରୁ ରେଳଗାଡ଼ି ଆଉ ଚାଲିଲା ନାହିଁ। ଫଳରେ ପର୍ଯ୍ୟଟକମାନେ ପ୍ରାୟ ଅଧଘଣ୍ଟା ଜଙ୍ଗଲ ମଧ୍ୟରେ ଅଟକି ରହିଥିଲେ। ଖବରପାଇ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କୁ ଆଣିବା ପାଇଁ ଡିପାର୍ଟମେଣ୍ଟ ବସ୍ ପଠାଇଥିଲେ। ହେଲେ ଚାଳକଙ୍କ ଅସାବଧାନତା ହେତୁ ବସ୍‌ଟି ଏକ ମୋରମ ରାସ୍ତାରେ ଦବିଯାଇଥିଲା। ଶେଷରେ ପର୍ଯ୍ୟଟକମାନେ ଅଚଳ ଟ୍ରେନଠାରୁ ଜଙ୍ଗଲ ଭିତରେ ଚାଲି ଚାଲି ନନ୍ଦନକାନନର ଜିରାଫ ଖୁଆଡ଼ ପାଖ ରାସ୍ତାକୁ ଆସିଥିଲେ। ବସ୍‌ଟିକୁ ଉଠାଇବା ପରେ ନନ୍ଦନକାନନ ମୁଖ୍ୟରାସ୍ତାରେ ଅପେକ୍ଷାକରି ରହିଥିବା ପର୍ଯ୍ୟଟକଙ୍କୁ ନେଇ ଫେରିଥିଲା। ନନ୍ଦନକାନନର ପରିଚାଳନାଗତ ତ୍ରୁଟି ପାଇଁ ପର୍ଯ୍ୟଟକଙ୍କୁ ସେମାନଙ୍କ ଟଙ୍କା ଫେରାଯାଇଥିଲା। ତେବେ ଶିଶୁ ରେଳଗାଡିକୁ ନେଇ ଏବେ ନନ୍ଦନକାନନ ଚର୍ଚ୍ଚାରେ ରହିଛି। ନୂଆଗାଡ଼ି ନୂଆକରି ପ୍ରଚଳନ ହେବା ପରେ ମଧ୍ୟ ଏପରି ସମସ୍ୟା ଉପୁଜିବା ଓ ମରାମତି ପରେ ସଂସ୍ଥା ସହିତ ନନ୍ଦନକାନନ କର୍ତ୍ତୃପକ୍ଷ ଆଲୋଚନା କରି ୨ଦିନ ଟ୍ରାଏଲ ପରେ ଶିଶୁ ରେଳଗାଡି ଗଡ଼ିଥିଲା।

### ଜଙ୍ଗଲ ମଧ୍ୟରେ ୬୦ ପର୍ଯ୍ୟଟକ ହଟହଟା

- ଚାଲିବାର ଦିନକ ପରେ ତ୍ରୁଟି
- ସ୍ଥିତି ପରଖିବାକୁ ଆସିବେ ବିଶେଷଜ୍ଞ

ଏହାପରେ ବି ସମସ୍ୟା ଦେଖାଦେବାରୁ ଅଧିକାରୀଙ୍କର ଅନୁଧ୍ୟାନ ପ୍ରକିୟାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି, ବୁଧବାର ୨୦୦ଲୋକଙ୍କୁ ବୁଲାଇ ସାରିବା ପରେ ଅପରାହ୍ନ ୪ଟାରେ ୬୦ଜଣ ପର୍ଯ୍ୟଟକଙ୍କୁ ନେଇ ଆସୁଥିବାବେଳେ ଅଧାବାଟରେ ଟ୍ରେନଟି ଅଟକିଯାଇଥିଲା। ପୁନର୍ବାର ଷ୍ଟାର୍ଟ ହୋଇ ନ ଥିଲା। ଭ୍ରମଣକାରୀଙ୍କ ସୁରକ୍ଷା ପାଇଁ ସମସ୍ତ ଦର୍ଶକଙ୍କୁ ବସ୍ ଯୋଗେ ଫେରାଇ ନିଆଯାଇଥିଲା। ଟ୍ରେନକୁ ଶୀଘ୍ର ମୂଲ୍ୟାଙ୍କନ କରିବା ପାଇଁ ବିଶେଷଜ୍ଞ ଦଳ ପଠାଇବାକୁ ଠିକା ସଂସ୍ଥାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି ଏବଂ ଯଦି ସମସ୍ୟା ଉପୁଜେ ତେବେ ଇଞ୍ଜିନକୁ ବଦଳାଇବାକୁ କୁହାଯିବ ବୋଲି କହିଛନ୍ତି।

ଉଲ୍ଲେଖଥାଉକି, ୭ ବର୍ଷର ବ୍ୟବଧାନ ପରେ ନୂଆ ରୂପରେ ନନ୍ଦନକାନନରେ ଶିଶୁ ରେଳଗାଡି ଚାଲିବା ଆରମ୍ଭ କରିଥିଲା। ନନ୍ଦନକାନନ କର୍ତ୍ତୃପକ୍ଷ ଏହାକୁ ୪କୋଟି ୯୮ଲକ୍ଷ ଟଙ୍କା ବ୍ୟୟରେ ଠିକା ସଂସ୍ଥା ମାଧ୍ୟମରେ ସଜାଡ଼ିବା ସହ ବିଭାଗୀୟ ମନ୍ତ୍ରୀ ଗତ ମାସ ୮ତାରିଖରେ ଶିଶୁରେଳଗାଡିର ଲୋକାର୍ପଣ କରିଥିଲେ। କିନ୍ତୁ ଏହା ୧୪ତାରିଖରେ ପ୍ରଥମକରି ପର୍ଯ୍ୟଟକଙ୍କୁ ନେଇ ଚାଲିବା ଆରମ୍ଭ କରିଥିଲା। କିନ୍ତୁ ଚାଲିବାର ଦିନକ ପରେ ଅର୍ଥାତ ୧୫ତାରିଖରେ ଶର୍ଟସର୍କିଟ ଯୋଗୁ ଏହାକୁ ବନ୍ଦ କରାଯାଇଥିଲା। ଏହାପରେ ଆଣିଥିବା ସଂସ୍ଥା ଏହାର ମରାମତି କରିବାପରେ ମଙ୍ଗଳବାର ଶିଶୁ ରେଳଗାଡିଟି ପୁନଃ ଚାଲିଥିଲା।

NATIONAL HEALTH MISSION
## ନବଜାତ ଶିଶୁ ଯତ୍ନ ସପ୍ତାହ
୧୫ - ୨୧ ନଭେମ୍ବର ୨୦୨୧
DSPL - 254

ନିରାପତ୍ତା ଓ ଗୁଣବତ୍ତା ଯୁକ୍ତ ଲାଳନପାଳନ-
ପ୍ରତ୍ୟେକ ନବଜାତ ଶିଶୁର ଜନ୍ମଗତ ଅଧିକାର



ସଚେତନ ରୁହନ୍ତୁ ଓ ନବଜାତ ଶିଶୁର ଉପଯୁକ୍ତ ଯତ୍ନ ନିଅନ୍ତୁ

- ଶିଶୁକୁ ଧରିବା/ଛୁଇଁବା ପୂର୍ବରୁ ହାତକୁ ସାବୁନ୍‌ରେ ଭଲଭାବରେ ସଫା କରନ୍ତୁ।
- ଶିଶୁର ନାହି ନାଡରେ କିଛି ଲଗାନ୍ତୁ ନାହିଁ।
- କମ୍ ଓଜନର (୨୫୦୦ ଗ୍ରାମ୍‌ରୁ କମ୍) ଶିଶୁଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଏବଂ କଙ୍ଗାରୁ ମା' ଯତ୍ନ ପଦ୍ଧତି ଆପଣାନ୍ତୁ।
- ଶିଶୁକୁ ଉଷୁମ୍ ରଖିବା ପାଇଁ ମୁଣ୍ଡରେ ଟୋପି, ପାଦରେ ମୋଜା ଏବଂ ଦେହରେ ପରିଷ୍କାର କପଡା ଘୋଡାଇ ମା' ସହିତ ରହିବାକୁ ଦିଅନ୍ତୁ।
- ଶିଶୁ ଜନ୍ମ ପରେ ପରେ ଯଥାଶୀଘ୍ର ସ୍ତନ୍ୟପାନ ଆରମ୍ଭ କରାନ୍ତୁ ।
- ଶିଶୁକୁ ମା'କ୍ଷୀର ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ୬ ମାସ ପର୍ଯ୍ୟନ୍ତ ଦିଅନ୍ତୁ ନାହିଁ ।
- ବିପଦପୂର୍ଣ୍ଣ ଲକ୍ଷଣ ଥିବା ଶିଶୁକୁ ଚିହ୍ନଟ କରିବା ଓ ଆବଶ୍ୟକ ସ୍ଥଳେ ଯଥାଶୀଘ୍ର ଚିକିତ୍ସା ପାଇଁ ଡାକ୍ତରଖାନା ନେବାପାଇଁ ବ୍ୟବସ୍ଥା କରନ୍ତୁ ।
- କୋଭିଡ୍-୧୯ରୁ ସୁରକ୍ଷା ପାଇଁ ଶିଶୁର ଯତ୍ନ ଓ ସ୍ତନ୍ୟପାନ ସମୟରେ ନିଜ ହାତ ଧୋଇବା ସହିତ ମୁହଁରେ ମାସ୍କ ନିଶ୍ଚିତ ଲଗାନ୍ତୁ।
- ଜନ୍ମ ପରେ ଶିଶୁର ବି.ସି.ଜି.,ହେପାଟାଇଟିସ୍ - ବି ଏବଂ ଓ.ପି.ଭି ଟୀକାକରଣ ସୁନିଶ୍ଚିତ କରାନ୍ତୁ।

ଶିଶୁମାନଙ୍କର କୌଣସି ଅସୁସ୍ଥତା ଦେଖାଦେଲେ
ତୁରନ୍ତ ଆଶା/ସ୍ୱାସ୍ଥ୍ୟକର୍ମୀଙ୍କୁ ପରାମର୍ଶ କରି ଡାକ୍ତରଖାନା ନିଅନ୍ତୁ।

ଶିଶୁମାନଙ୍କ ଆବଶ୍ୟକୀୟ ଚିକିତ୍ସା ସମସ୍ତ ସରକାରୀ ଡାକ୍ତରଖାନାରେ ବିନାଦେୟରେ ଉପଲବ୍ଧ ।

ଆସନ୍ତୁ, ଏ ସମ୍ପର୍କରେ ସଚେତନ ହେବା ସହିତ କରୋନା ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା

facebook.com/HFWOdisha
http://www.health.odisha.gov.in/
@HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା
OIPR-10003/13/0087/2122

### ଚିକିତ୍ସାଧୀନ ଅବସ୍ଥାରେ ବ୍ୟକ୍ତିଙ୍କ ମୃତ୍ୟୁ

ବୋଲଗଡ,(ଡି.ଏନ୍.ଏ.): ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ହସ୍ପିଟାଲରେ ଥିବା ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଚୁକୁଳି ଗ୍ରାମର ରାଧାକାନ୍ତ ପଟ୍ଟନାୟକ(୫୭)ଙ୍କ ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଗୁରୁବାର ସକାଳ ୭ଟା ୩୦ରେ ନିଜ ଝିଅକୁ ନିକଟସ୍ଥ ବିନୋଦପଡା ଗ୍ରାମର ଏକ କୋଚିଂସେଣ୍ଟରରେ ଛାଡ଼ି ୫୭ ନମ୍ବର ଜାତୀୟ ରାଜପଥରେ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ ଇନୋଭା କାର୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପରେ କଟକସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବୁଧବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ କରୋନା

ଭୁବନେଶ୍ୱର,୧୭।୧୧(ବ୍ୟୁରୋ): କଂଗ୍ରେସର ବରିଷ୍ଠ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏନେଇ ତାଙ୍କ ପରିବାର ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। କିଛିଦିନ ପୂର୍ବରୁ ତାଙ୍କ ସ୍ତ୍ରୀ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏବେ ବିଧାୟକ ରାଉତରାୟ ହୋମ୍ ଆଇସୋଲେଶନରେ ରହିଥିବାବେଳେ ତାଙ୍କ ସ୍ତ୍ରୀ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସୂଚନା ଦିଆଯାଇଛି।

### ଫିଶିଂ କ୍ୟାଟ୍ ସୁରକ୍ଷା ପାଇଁ ସଚେତନତା

ଟାଙ୍ଗୀ(ଖୋର୍ଦ୍ଧା), ୧୭।୧୧ (ଡି.ଏନ୍.ଏ.): ଚିଲିକାରେ ଫିଶିଂ କ୍ୟାଟ(ବାଘାଡ଼ି)ର ସୁରକ୍ଷା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗତ କିଛିଦିନ ହେବ ଚିଲିକାରେ ଥିବା ନଳବଣରେ ଏକ ଜୀବ ଦେଖିବାକୁ ମିଳିଛି, ଯାହାକୁ ଚିଲିକା କୂଳିଆ ଗ୍ରାମବାସୀ ବାଘାଡି ବୋଲି କୁହନ୍ତି। ଏହି ଜୀବମାନେ କେବଳ ମାଛ ଖାଇ ବଞ୍ଚିଥାନ୍ତି। ଏହି ଜୀବ ବହୁତ କମ୍ ସଂଖ୍ୟାରେ ଦେଖାଯାଏ। ପଶ୍ଚିମବଙ୍ଗର ଏକ ରିସର୍ଚ୍ଚ ଟିମ ୨୦୨୦ ମସିହାରୁ ଏହି ଜୀବ ଉପରେ ସର୍ଭେ କରି ସିସି ଫୁଟେଜ ମାଧ୍ୟମରେ ଏମାନଙ୍କ ଫଟୋ ରଖିଛନ୍ତି। ଏବେ ସେମାନଙ୍କ ସୁରକ୍ଷା ପାଇଁ ଚିଲିକା ଅଞ୍ଚଳର ଏକ ରିସର୍ଚ୍ଚ ଟିମ୍ ମୋଟରସାଇକେଲ ଶୋଭାଯାତ୍ରା ବାହାରି ଭୂଷଣ୍ଡପୁରଠାରୁ ଫ୍ଲାଗ କାର୍ଡ ଧରି ଟାଙ୍ଗୀ ବନ୍ୟପ୍ରାଣୀ ଅଫିସ ପ୍ରାଙ୍ଗଣରେ ପହଞ୍ଚି ସଚେତନ ସଭା ଆୟୋଜନ ହୋଇଥିଲା। ଚିଲିକା ଉନ୍ନୟନ ଅଥୋରିଟି(ସିଡିଏ)ର ଏସିଏଫ୍ ମିହିର କୁମାର ଜେନା, ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ରେଞ୍ଜର ଚୂଡ଼ାମଣି ମୁର୍ମୁ ଏହି ବାଘାଡିଙ୍କ ଉପରେ ରିସର୍ଚ୍ଚ କରୁଥିବା ସୂଚନା ଦେଇଥିଲେ। ବାଘାଡି ଏକ ଆଦ୍ରଭୂମି ପ୍ରାଣୀ। ଆଗାମୀ ଦିନରେ ପକ୍ଷୀ ଦେଖିବା ପାଇଁ ଯେପରି ପର୍ଯ୍ୟଟକ ଆସୁଛନ୍ତି ସେପରି ବାଘାଡି ଦେଖିବାକୁ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଜମିବ ବୋଲି ସିଡିଏ ପକ୍ଷରୁ କୁହାଯାଇଛି।

### ଲୋକନାଥ ପୀଠରେ ରୁଦ୍ରାଭିଷେକ

ଟାଙ୍ଗୀ (ଖୋର୍ଦ୍ଧା),୧୭।୧୧(ଡି.ଏନ୍.ଏ.): ଟାଙ୍ଗୀ ସ୍ଥିତ ପଶ୍ଚିମାମୁଖୀ ଶୈବପୀଠ ଲୋକନାଥ ଦେବଙ୍କ ପୀଠରେ ମଙ୍ଗଳବାର କ୍ଷୀର ସାଗର ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଲୋକନାଥ ଦେବ ଟ୍ରଷ୍ଟ ବୋର୍ଡ ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ।

### ଅସ୍ଥାୟୀ କ୍ୟାମ୍ପସରେ ପାଠପଢ଼ା ଆରମ୍ଭ

ଜଟଣୀ,୧୭।୧୧(ଡି.ଏନ୍.ଏ.): ଜଟଣୀ ଆଦର୍ଶ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସରେ ପାଠପଢ଼ା ଗତ ସୋମବାରଠାରୁ ଆରମ୍ଭ ହୋଇଛି। ପୌରାଞ୍ଚଳ ୧୦ନଂ. ୱାର୍ଡସ୍ଥିତ କେଦାରନାଥ ରାୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହୋଇଛି। ବର୍ତ୍ତମାନ ଷଷ୍ଠ ଏବଂ ସପ୍ତମ ଶ୍ରେଣୀର ୧୨୯ଜଣ ନାମ ଲେଖାଇଥିବା ବିଦ୍ୟାଳୟର ପ୍ରିନ୍ସିପାଲ ହରେକୃଷ୍ଣ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି। କୋଭିଡ ଗାଇଡ୍‌ଲାଇନକୁ ପାଳନ କରାଯାଉଛି। ଜଟଣୀ ପୌରାଞ୍ଚଳ ୯ନଂ. ୱାର୍ଡ ଷଣ୍ଢପୁରରେ ନିର୍ମାଣ ହେଉଥିବା ଆଦର୍ଶ ବିଦ୍ୟାଳୟର ନୂତନ ଅତ୍ୟାଧୁନିକ କ୍ୟାମ୍ପସ ନିର୍ମାଣ ପରେ ସ୍ଥାୟୀ କ୍ୟାମ୍ପସରେ ଛାତ୍ରୀଛାତ୍ରମାନେ ପାଠ ପଢ଼ିବେ। ଯେ ପର୍ଯ୍ୟନ୍ତ ସରକାର ସ୍ଥାୟୀ କ୍ୟାମ୍ପସ ହସ୍ତାନ୍ତର କରିନାହାନ୍ତି, ଅସ୍ଥାୟୀ ବିଦ୍ୟାଳୟରେ ଶିକ୍ଷାଦାନ ଜାରି ରହିବ ବୋଲି ପ୍ରିନ୍ସିପାଲ କହିଛନ୍ତି।

# ବିଦେଶୀ ପକ୍ଷୀଙ୍କ ୭୦ ନମୁନା ଭୋପାଳ ପଠାଗଲା

■ ବାର୍ଡ ଫ୍ଲୁ ଆଶଙ୍କା
■ ନମୁନା ସଂଗ୍ରହ କଲେ ବିଶେଷଜ୍ଞ

ବାଲୁଗାଁ,୧୭।୧୧(ଡି.ଏନ୍.ଏ.)

ଚିଲିକାରେ ବର୍ତ୍ତମାନ ଲକ୍ଷାଧିକ ଦେଶୀ ବିଦେଶପକ୍ଷୀଙ୍କ ସମାଗମ ହୋଇଛି। ହେଲେ ଗତ କିଛିଦିନ ତଳେ କେତେକ ବିଦେଶୀ ପକ୍ଷୀଙ୍କ ଦଳଗତ ଭାବେ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ସ୍ଥାନୀୟ ଲୋକେ ଭୟ ଆଶଙ୍କା କରି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ତେବେ ଏହି ପକ୍ଷୀଙ୍କ ମାଧ୍ୟମରେ ବାର୍ଡ ଫ୍ଲୁ (ଏଚ୫-ଏନ୧) ଭୂତାଣୁ ବ୍ୟାପିବାର ଆଶଙ୍କା ଦେଖାଦେଇଥିବା ବେଳେ ପ୍ରାଣୀ ବିଭାଗ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଥିଲା। ତେବେ ବୁଧବାର ଭୋପାଳର ବିଶେଷଜ୍ଞଙ୍କ ସମେତ ଭୁବନେଶ୍ୱର, କଟକର ପ୍ରାଣୀ ଚିକିତ୍ସା ଅଧିକାରୀମାନେ ଚିଲିକା ଆସି ବିଦେଶୀ ପକ୍ଷୀଙ୍କ ୭୦ନମୁନା ସଂଗ୍ରହ କରିବା ସହ ପରୀକ୍ଷା ପାଇଁ ଭୋପାଳ ପଠାଇଛନ୍ତି।

କିଛି ଦିନ ପୂର୍ବେ ଚିଲିକା ଚତୁଃପାର୍ଶ୍ୱ ବିଭିନ୍ନ କୁକୁଡ଼ା ଫାର୍ମରୁ ୧୦୦ କୁକୁଡ଼ାଙ୍କ ସ୍ୱାବ ନମୁନା (ରକ୍ତ, ଲାଳ, ମଳ) ଆଦି ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଥିଲା। ତେବେ ଲଘୁଚାପଜନିତ ପ୍ରତିକୂଳ ପାଗ ଯୋଗୁ ଚିଲିକାରୁ ବିଦେଶୀ ପକ୍ଷୀଙ୍କ ନମୁନା ସଂଗ୍ରହ ସ୍ଥଗିତ ରହିଥିଲା। ବୁଧବାର ଖୋର୍ଦ୍ଧା ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଆଶିଷ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଭୋପାଳସ୍ଥିତ ପକ୍ଷୀ ରୋଗ ଗବେଷଣା କେନ୍ଦ୍ରର ବିଶେଷଜ୍ଞ ଡ. ଚକ୍ରଧର ଡୋଷ, କଟକ ନଖରାସ୍ଥିତ ଗବେଷଣା କେନ୍ଦ୍ରର ଗବେଷକ ଡ. ଜ୍ୟୋତିରଞ୍ଜନ ମିଶ୍ର, ବାଲୁଗାଁ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡ. ଦେବାଶିଷ ଦାସ, ଡ. ସମାପିକା ମହାପାତ୍ର ଏବଂ ବନ୍ୟପ୍ରାଣୀ ବିଭାଗୀୟ ଅଧିକାରୀ ପ୍ରମୁଖ ଏକ ଟିମ୍ ପକ୍ଷୀ ଅଭୟାରଣ୍ୟ ନଳବଣ ଗସ୍ତ କରିଥିଲେ। ସେଠାରେ ବିଦେଶୀ ପକ୍ଷୀଙ୍କୁ ଧରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ପରବର୍ତ୍ତୀ ସମୟରେ ନଳବଣ ଚତୁଃପାର୍ଶ୍ୱ ପକ୍ଷୀଙ୍କ ବିଚରଣ ସ୍ଥଳରୁ ବିଦେଶୀ ପକ୍ଷୀଙ୍କ ପର, ମଳ ଆଦି ୭୦ଟି ନମୁନା ସଂଗ୍ରହ କରାଯାଇଥିଲା। ଏହି ନମୁନା ଭୋପାଳସ୍ଥିତ ପରୀକ୍ଷାଗାରକୁ ପଠାଯାଇଥିବା ବେଳେ ରିପୋର୍ଟ ଆସିଲେ ବାର୍ଡ ଫ୍ଲୁ ସମ୍ପର୍କରେ ସ୍ପଷ୍ଟ ହୋଇପାରିବ। ଅନ୍ୟପକ୍ଷରେ ଗତ ୩ଦିନ ମଧ୍ୟରେ ଚିଲିକା ଚତୁଃପାର୍ଶ୍ୱ ବିଭିନ୍ନ କୁକୁଡ଼ା ଫାର୍ମରୁ ୧୭୦ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିବା ବେଳେ ବୁଧବାର ଏହାକୁ ନଖରାସ୍ଥିତ ଗବେଷଣା କେନ୍ଦ୍ରକୁ ପରୀକ୍ଷା ପାଇଁ ପଠାଯାଇଛି ବୋଲି ବାଲୁଗାଁ ପ୍ରାଣୀ ଚିକିତ୍ସାଧିକାରୀ ଦାସ କହିଛନ୍ତି।


ବୁଧବାର ବଡ଼ଓଷା ଅବସରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ।

### ଡିଏମ୍‌ଆର୍‌ଙ୍କୁ ଶ୍ରମିକ ୟୁନିୟନର ସମ୍ବର୍ଦ୍ଧନା

ଜଟଣୀ,୧୭।୧୧(ଡି.ଏନ୍.ଏ)

ପୂର୍ବତଟ ରେଲୱେ ଶ୍ରମିକ ୟୁନିୟନ ଓ ଖୋର୍ଦ୍ଧା ମଣ୍ଡଳର ସମସ୍ତ ରେଳ କର୍ମଚାରୀଙ୍କ ତରଫରୁ ସଂଗଠନର ମହାମନ୍ତ୍ରୀ ପ୍ରଦୀପ୍ତ କୁମାର ପାଢ଼ୀଶାଣୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରେଳ ବିଭାଗର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଖୋର୍ଦ୍ଧା ମଣ୍ଡଳ ପ୍ରବନ୍ଧକ ରିଙ୍କେଶ ରାୟଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଙ୍ଗଠନର ଅନ୍ୟାନ୍ୟ ଦାବିଗୁଡିକ ମଧ୍ୟରୁ ରେଲୱେ କଲୋନୀ ସୌନ୍ଦର୍ଯ୍ୟକରଣ, ସିସିଟିଭିର ବ୍ୟବସ୍ଥା, ହାରାହାରି ୧୨୦୦ ପୁରାତନ କ୍ୱାର୍ଟର ଭାଙ୍ଗି ନୂତନ କରିବା ଆଦି ବିଭିନ୍ନ ଦାବିକୁ ମଣ୍ଡଳ ପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅନ୍ୟ ଏକ ଦାବି ଅନୁଯାୟୀ କରୋନା କାଳରେ ଅମ୍ଳଜାନର ବହୁଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟ ଚିକିତ୍ସାଳୟରେ ୫୦ଲକ୍ଷ ଅର୍ଥ ବିନିମୟରେ ଏକ ଅମ୍ଳଜାନ ପ୍ଲାଣ୍ଟ ପ୍ରତିଷ୍ଠା, ଲୋକୋ କଲୋନୀରେ ଜୋନାଲ ଟ୍ରେନିଂ ସେଣ୍ଟର ପ୍ରତିଷ୍ଠା ଆଦି କାର୍ଯ୍ୟ ସମ୍ପର୍କରେ ସଂଗଠନର ଏକ ନେତୃବୃନ୍ଦ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ରେଳ କର୍ମଚାରୀଙ୍କ ହିତରେ ସଂଗଠନର ବହୁ ଦାବି ପୂରଣ ଏବଂ ବଳକା ଦାବିଗୁଡିକୁ ତ୍ୱରାନିତ କରିବା ପାଇଁ ପଦକ୍ଷେପ ନେଇଥିବାରୁ ମହାମନ୍ତ୍ରୀ ପାଢ଼ୀଶାଣୀ ଏବଂ ମଣ୍ଡଳ ସଂଯୋଜକ ରଞ୍ଜିତ ଦାସଙ୍କ ନେତୃତ୍ୱରେ ବହୁ କର୍ମକର୍ତ୍ତା ମଣ୍ଡଳ ପ୍ରବନ୍ଧକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଧନ୍ୟବାଦ ଦେଇଥିଲେ।

## ଆଧାରକାର୍ଡ କେନ୍ଦ୍ରରେ ତାଲା, ଲୋକେ ହନ୍ତସନ୍ତ

କୃଷ୍ଣପ୍ରସାଦ,୧୭।୧୧(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ପରିସରରେ ଥିବା ଆଧାର କାର୍ଡ ପଞ୍ଜୀକରଣ କେନ୍ଦ୍ରରେ ଦୀର୍ଘ ସମୟ ଧରି ତାଲା ପଡ଼ିଛି। ଫଳରେ ହିତାଧିକାରୀମାନେ ନାନା ହଇରାଣ ହୋଇ ନିରାଶରେ ଫେରୁଥିବା ଦେଖିବାକୁ ମିଳୁଛି। ସରକାରଙ୍କ ପ୍ରତି କ୍ଷେତ୍ରରେ ଆଧାର କାର୍ଡର ବିଶେଷ ଗୁରୁତ୍ୱ ଦିଆଯାଉଥିବା ବେଳେ ବ୍ଲକ ଅଧୀନ ୨୧ଟି ପଞ୍ଚାୟତର ଶତାଧିକ ଜନସାଧାରଣ ଏହି ପଞ୍ଜୀକରଣରୁ ବାଦ୍ ରହି ଦୈନଦିନ ବ୍ଲକକୁ ଦୌଡୁଛନ୍ତି। ଖବର ନେବାରେ ଉକ୍ତ ପଞ୍ଜୀକରଣ କେନ୍ଦ୍ରଟି ସପ୍ତାହକୁ ୨ଦିନ କାର୍ଯ୍ୟ କରୁଥିବାରୁ ଏହି ସମସ୍ୟା ଦେଖାଦେଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଜନସାଧାରଣଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ନିମନ୍ତେ ସାଧାରଣରେ ଦାବି ହେଉଛି।

# ମନ୍ଦିର ବାହାରେ ଦୀପ ଜାଳି ଫେରିଲେ ଭକ୍ତ


ଖୋର୍ଦ୍ଧା ଅଞ୍ଚଳର ଧବଳେଶ୍ୱର ପୀଠ।

ଖୋର୍ଦ୍ଧା ଅଫିସ,୧୭।୧୧

ପବିତ୍ର କାର୍ତ୍ତିକ ମାସ ସାରା ବ୍ରତଧାରୀମାନେ ସଂକଳ୍ପ ପୂର୍ବକ କାର୍ତ୍ତିକ ବ୍ରତ ପାଳନ କରିବା ସହ ହବିଷ୍ୟ ଅନ୍ନ ଗ୍ରହଣ କରି ରାଇଦାମୋଦରଙ୍କୁ ପୂଜା କରିଥାନ୍ତି। ଯେଉଁମାନେ ମାସ ସାରା ବ୍ରତ ପାଳନ କରିପାରନ୍ତି ନାହିଁ, ସେମାନେ ଶେଷ ପାଞ୍ଚ ଦିନ ଅର୍ଥାତ ପଞ୍ଚକରେ ଏହାକୁ ନିଷ୍ଠାର ସହ ପାଳନ କରନ୍ତି। କାର୍ତ୍ତିକ ଚତୁର୍ଦ୍ଦଶୀରେ ବଡ଼ଓଷାରେ ଖୋର୍ଦ୍ଧାର ଧବଳେଶ୍ୱର, ବାଘମାରୀର ହଟକେଶ୍ୱର ଓ ଗୋଡ଼ାସ୍ଥିତ ଗୋଡ଼ା ଲୋକାନାଥଙ୍କ ସମେତ ବିଭିନ୍ନ ପୀଠରେ ଭକ୍ତଙ୍କ ଭିଡ଼ ହୋଇଥାଏ। ତେବେ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ କରୋନା ଗାଇଡ୍‌ଲାଇନ୍‌କୁ ଦୃଷ୍ଟିରେ ରଖି ମନ୍ଦିରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଉପଖଣ୍ଡ ଅଧୀନ ସମସ୍ତ ଶୈବପୀଠରେ ୧୪୪ ଜାରି କରାଯାଇଛି। ମନ୍ଦିର ପରିସରରେ ପୋଲିସ ମୁତୟନ ରହିଛନ୍ତି। ତେଣୁ ବୁଧବାର ବଡ଼ଓଷାରେ ପରମ୍ପରା ଅନୁଯାୟୀ ମନ୍ଦିରରେ କେବଳ ନୀତିକାନ୍ତି ହୋଇଛି। ଠାକୁରଙ୍କ ଦର୍ଶନ କରି ନ ପାରି ଭକ୍ତମାନେ ମନ୍ଦିର ବାହାରେ ଦୀପ ଜାଳି ଓ ନଡ଼ିଆ ଭାଙ୍ଗି ନୈବେଦ୍ୟ ଅର୍ପଣ କରି ନିରାଶରେ ଫେରୁଥିବା ଦେଖିବାକୁ ମିଳିଛି।

## ଏମାନେ ଯାହା କୁହନ୍ତି...

“ଚଳିତ ବର୍ଷ ମନ୍ଦିରରେ ଭକ୍ତଙ୍କ ପ୍ରବେଶ ବନ୍ଦ ରହିଛି। ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି ହୋଇଛି। ତେବେ ପରମ୍ପରା ମୁତାବକ ନୀତିକାନ୍ତି କରାଯାଇଛି। ଭୋର ୩ଟାରେ ମନ୍ଦିର ଦ୍ୱାରଫିଟା ଓ ୪ଟାରେ ବାଲଭୋଗ ହୋଇଥିଲା। ପରେ ସମସ୍ତ ଦେବନୀତି ସରି ଅପରାହ୍ନ ୫ଟାରେ ଠାକୁରଙ୍କୁ ବେଢ଼ା ପରିକ୍ରମା କରାଯାଇଥିଲା। ସନ୍ଧ୍ୟା ଆଳତି ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

**- କୃଷ୍ଣଚନ୍ଦ୍ର ସାହୁ, ସଭାପତି, ମନ୍ଦିର ପରିଚାଳନା କମିଟି।**

“ବଡ଼ଓଷା ସମୟରେ ଦୂର ଦୂରାନ୍ତରୁ ଭକ୍ତମାନେ ଧବଳେଶ୍ୱରଙ୍କ ପୀଠକୁ ଆସନ୍ତି। ଗତ ବର୍ଷ ଭଳି ଚଳିତ ବର୍ଷ ଭକ୍ତ ଓ ଭଗବାନଙ୍କ ମଧ୍ୟରେ କରୋନା କଟକଣା ବାଧକ ସାଜିଛି। ସେବାୟତ ଓ ପୂଜକଙ୍କୁ ନେଇ ଠାକୁରଙ୍କ ନୀତିକାନ୍ତି କରାଯାଉଛି।

**- କେଦାରନାଥ ରାଉତରାୟ, ପୂଜକ**

“ବଡ଼ଓଷାରେ ପ୍ରଭୁ ଧବଳେଶ୍ୱରଙ୍କ ଦର୍ଶନ କଲେ ପୂଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ମାନସିକଧାରୀମାନେ ଗଜ ହାଣ୍ଡିଭୋଗ, ଚୂଡ଼ାଘଷା ପ୍ରଭୃତି ଭୋଗ ଲାଗି କରିଥାନ୍ତି। ଅଟକାଳି ଭୋଗରେ ମହତ୍ତ୍ୱ ରହିଛି। ମାତ୍ର ଏଥର କଟକଣା ଯୋଗୁ ଅଟକାଳି ଭୋଗ ବନ୍ଦ ରହିଛି। କେବଳ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି।

**-ଜିତେନ୍ଦ୍ର କୁମାର ସାହୁ, ଗ୍ରାମ୍ୟ କମିଟି ସମ୍ପାଦକ**

“ଚଳିତ ବର୍ଷ କଟକଣା ଯୋଗୁ ପୁଣି ଦର୍ଶନରୁ ବଞ୍ଚିତ ହେବାକୁ ପଡ଼ିଲା। ମନ୍ଦିର ବାହାରେ ଦୀପ ଜାଳି ଠାକୁରଙ୍କୁ ମୁଣ୍ଡିଆ ମାରି ଫେରିଯିବାକୁ ପଡୁଛି।

**- ସସ୍ମିତାରାଣୀ ରଥ, ଗୁରୁଜଙ୍ଗ**

“ପଞ୍ଚକ ସମୟରେ ବଡ଼ଓଷା ପୂଜାର ମହାତ୍ମ୍ୟ ରହିଛି। ତେବେ ଚଳିତବର୍ଷ କଟକଣା ଯୋଗୁ ଶ୍ରଦ୍ଧାଳୁମାନେ ନିଜ ଆରାଧ ଦେବଙ୍କ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ମୋତେ ବି ନିରାଶ ହେବାକୁ ପଡ଼ିଛି।

**-ମମତାଞ୍ଜଳି ପଟ୍ଟନାୟକ, ଖୋର୍ଦ୍ଧା ବିଡିଏ କଲୋନୀ**

“ପ୍ରତିବର୍ଷ ବଡ଼ଓଷାରେ ବାବା ଧବଳେଶ୍ୱରଙ୍କ ଦର୍ଶନ ଲାଗି ଆମେ ପରିବାର ସହିତ ଏଠାକୁ ଆସୁ। ଠାକୁରଙ୍କୁ ଭୋଗଲାଗି ଉଦ୍ଦେଶ୍ୟରେ ମନ୍ଦିର ବାହାରେ ନଡ଼ିଆ ଭାଙ୍ଗି ମନସ୍କାମନା ଜଣାଇ ଫେରିଯାଉଛୁ।

**-ଭରତ ଚନ୍ଦ୍ର ସାହୁ, ଖୋର୍ଦ୍ଧା**

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସିପୁନ୍


@ ସୁଜିତ


@ ଲୋକନାଥ


@ ଲିଜା


@ ରତିକାନ୍ତ


@ ସିଲୁ

## ଚିନ୍ତାରେ ସୋଲ କାରିଗର, ବେପାରୀ

### ବୋଇତ ଭସାଣ କଟକଣା

ଖୋର୍ଦ୍ଧା ଅଫିସ,୧୭।୧୧

ଦିନକ ପରେ କାର୍ତ୍ତିକ ପୂର୍ଣ୍ଣମୀ। ବୋଇତ ବନ୍ଦାଣର ଦିନ। ଚଳିତବର୍ଷ କରୋନାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ନଦୀ, ପୋଖରୀରେ ସମୂହ ଭାବେ ବୋଇତ ବନ୍ଦାଣ ଉତ୍ସବ ଉପରେ କଟକଣା ଜାରି କରାଯାଇଛି। ଖୋର୍ଦ୍ଧା ସମବାୟ ଛକରେ ମହେଶ୍ୱର ବେହେରା ହାତ ତିଆରି ରଙ୍ଗିନ ଡଙ୍ଗାର ପସରା ମେଲାଇଛନ୍ତି। ଡଙ୍ଗାର ଦାମ୍ ୫ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏଥର ଭଲ ରୋଜଗାର ପାଇଁ ଆଶା ରଖିଥିଲେ। ତେବେ ପ୍ରଶାସନ ପକ୍ଷରୁ ବୋଇତ ଉତ୍ସବ ବନ୍ଦ ନେଇ ଘୋଷଣା ପରେ ବେପାର ମାନ୍ଦା ପଡ଼ିଛି ବୋଲି ସେ କହିଛନ୍ତି। ସେ ୩୦ହଜାର ଟଙ୍କାର ଡଙ୍ଗା ପ୍ରସ୍ତୁତ କରିଥିବାବେଳେ ଏପର୍ଯ୍ୟନ୍ତ ଏକ ହଜାର ଟଙ୍କା ମଧ୍ୟ ବିକ୍ରି ହୋଇନାହିଁ। ସେହିପରି ନୂଆ ବସ୍‌ଷ୍ଟାଣ୍ଡରେ ଜଣେ ଫୁଟ୍‌ପାଥ୍ ବେପାରୀ କହିଛନ୍ତି, ପୂର୍ବରୁ ଅର୍ଡର ଅନୁଯାୟୀ ସୋଲରେ ବହୁ ଡଙ୍ଗା ପ୍ରସ୍ତୁତ କରିଥିଲୁ। ତେବେ କଟକଣା ଘୋଷଣା ହେବା ପରେ ବହୁ ଗ୍ରାହକ ମନା କରିଦେଲେ। ବୋଲଗଡ଼ ପିଚୁକୁଳି ଅଞ୍ଚଳର କାରିଗର ଲଡୁକିଶୋର ସାହୁ କହିଛନ୍ତି, ଗ୍ରାହକଙ୍କ ଅନୁଯାୟୀ ୫ରୁ ୧ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଡଙ୍ଗା ରହିଛି। କଟକଣା ପରେ ଜୀବିକା ଉପରେ ପ୍ରଭାବ ପଡୁଛି।


ମମିତା ମେହେରଙ୍କ ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ ସହ ତଦନ୍ତ ପରିସରଭୁକ୍ତ ପାଇଁ ଭୁବନେଶ୍ୱର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବୁଧବାର ମାଷ୍ଟରକ୍ୟାଣ୍ଟିନ ଛକରେ ଦସ୍ତଖତ ଅଭିଯାନ।


କଳାହାଣ୍ଡି ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ବୁଧବାର ମହିଳା ଅଧିକାର ଅଭିଯାନ (ମା’) ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।



ପୁରୀଠାରେ ବୁଧବାର ବ୍ୟଙ୍ଗ ସାହିତ୍ୟିକ ମୋହନଦାସ ରତିକାନ୍ତ ରାଓ (ଏମ୍‌ଆର୍ କେଆର୍)ଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ସ୍ମରଣିକା ବାଇଟୁଙ୍ଗୁରି ଉନ୍ମୋଚନ କରାଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୧୧।୨୦୨୧

| ୭,୮୩,୭୭୪ ଟଙ୍କା | |
|---|---|
| ସୁନା | ୩ ଗ୍ରାମ |
| ରୁପା | ୨୫ ଗ୍ରାମ |

# ସୂର୍ଯ୍ୟମନ୍ଦିର ସୁରକ୍ଷା, ନବଗ୍ରହ ମନ୍ଦିର ନିର୍ମାଣ ଦାବି

## କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ଧାରଣା

କୋଣାର୍କ,୧୭।୧୧(ଡି.ଏନ୍.ଏ.)

କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ବିଭିନ୍ନ ଦାବି ନେଇ ବୁଧବାର ସୂର୍ଯ୍ୟମନ୍ଦିର ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପ୍ରତି ଶନିବାର ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ, ସୂର୍ଯ୍ୟମନ୍ଦିର ସୁରକ୍ଷା ଓ ସଂରକ୍ଷଣ, ଭବ୍ୟ ନବଗ୍ରହ ମନ୍ଦିର ନିର୍ମାଣ ଆଦି ଦାବି ନେଇ ସମିତି ସଦସ୍ୟ ପ୍ରମୁଖ ସାମିଲ ହୋଇ ଧାରଣାରେ ବସି ଥିଲେ। ସୁରକ୍ଷା ସମିତି ଆବାହକ ଭାଗୀରଥି ସ୍ୱାଇଁଙ୍କ ସଭାପତିତ୍ୱରେ ଧାରଣାରେ ସଭାପତି ବାଦଲ ଦାଶ, ସମ୍ପାଦକ ରାମକୃଷ୍ଣ ମହାନ୍ତି, ସୁଆଣ୍ଡ ସେତୁ ସଂଗଠନ ସଭାପତି ଗୋବିନ୍ଦ ମହାପାତ୍ର, ବାବା ଶକ୍ତିଦେବ ଶତପଥୀ, ଉମା ଶଙ୍କର ଆଚାର୍ଯ୍ୟ, ରଘୁନାଥ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉପରୋକ୍ତ ଦାବି ନେଇ ଏକ ଦାବିପତ୍ର କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଓ ଏଏସଆଇ ଡିଜିଙ୍କ ଉଦ୍ଦେଶ୍ୟରେ ଗୋପ ତହସିଲଦାର ଏସ୍.କେ. ସାଗର, ସହାୟକ ଅଧୀକ୍ଷକ ପୁରାତତ୍ତ୍ୱବିତ ପ୍ରତାପ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସମିତି ଚେତାବନୀ ଦେଇଛି। ଏହି କାର୍ଯ୍ୟକ୍ରମକୁ ପ୍ରିୟ ରଞ୍ଜନ ରଥ, ପ୍ରତାପ କାଣ୍ଡି, କୁନାଲ ପାତ୍ର, ବିରଞ୍ଚି ନାରାୟଣ ରଥ ପ୍ରମୁଖ ସହଯୋଗ କରିଥିଲେ।






ବୁଧବାର ବଡ଼ଓଷା ଅବସରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ।

## ସଂକ୍ଷେପରେ

### ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ

**କଣାସ,୧୭।୧୧(ସ୍ୱ.ପ୍ର.):** ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ୪ଦିନ ତଳେ କଣାସ ପଞ୍ଚାୟତ ସମିତିର ନବମ ଭ୍ରାମ୍ୟମାଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହା ପ୍ରତିବାଦରେ ବୁଧବାର କଣାସ ପଞ୍ଚାୟତ କାର୍ଯ୍ୟାଳୟରେ ଶିକ୍ଷାବିତ୍ ରାମଚନ୍ଦ୍ର ସାମନ୍ତରାୟଙ୍କ ଅଧକ୍ଷତାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ବଡଜେନା, ଭାଜପା ନେତା କୃଷ୍ଣଚନ୍ଦ୍ର ଜଗଦେବ, ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ସୁଶିଲ ରାଉତ, ଆମ୍ବାର ପୂର୍ବତନ ଅଧକ୍ଷ ଭଗବାନ ସୁବୁଦ୍ଧି, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଜେନା, ଅଭିମନ୍ୟୁ ଜୟସିଂହ, କଣାସ ଗ୍ରାମ୍ୟ ସଭାପତି ବିଭୂତି ଭୂଷଣ ସୁବୁଦ୍ଧିଙ୍କ ସମେତ ବିଭିନ୍ନ ଗ୍ରାମର ୫୦ରୁ ଉର୍ଦ୍ଧ ବ୍ୟକ୍ତି ଯୋଗଦେଇଥିଲେ। ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସ୍ତାବକୁ ସେମାନେ ବିରୋଧ କରିଥିଲେ। ଏ ନେଇ କଣାସ, ଦୋକନ୍ଦା, ସିରେଇ, ବଡାସ, ପାଣ୍ଡିଆକେରା, ଗଡବଡ଼ପୁଟ, ଗଡ଼ ସାନପୁଟ, ତ୍ରିଲୋଚନପୁର ପଞ୍ଚାୟତରେ ସଚେତନତା ସୃଷ୍ଟି ସହ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଦାବି ନେଇ ରାଜସ୍ୱମନ୍ତ୍ରୀ, ଆର୍‌ଡିସି, ଜିଲାପାଳ, ଏସ୍‌ପି, କଣାସ ବିଡିଓ, ତହସିଲଦାର, ଥାନା ଆଇଆଇସିଙ୍କୁ ପତ୍ର ଦେବା ପାଇଁ ସଭାରେ ନିଷ୍ପତ୍ତି ହୋଇଛି।

### ରସରାଜ ଏମ୍‌ଆର୍ କେଆର୍‌ଙ୍କ ସ୍ମୃତିଚାରଣ

**ପୁରୀ ଅଫିସ,୧୭।୧୧:** ରସରାଜ ଏମାର୍ କେଆର୍‌ଙ୍କ ଏକାଦଶାହରେ ବୁଧବାର ହାତଯୋଡ଼ି ଠାକୁରାଣୀଙ୍କ ସଭାଗୃହରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ସଭାରେ କବି ଚିନ୍ମୟ ବିବେକ ସଭାପତିତ୍ୱ କରିଥିବା ବେଳେ ଦେବୀ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ମୋହନଦାସ ରତିକାନ୍ତ ରାଓ (ଏମ୍‌ଆର୍ କେଆର୍) ଉଚ୍ଚକୋଟୀର ବ୍ୟଙ୍ଗ ସାହିତ୍ୟକ ଥିଲେ। ତାଙ୍କ ଲେଖାରେ ଓ କଥାରେ ହାସ୍ୟରସର ଅବତାରଣା ତାଙ୍କୁ ଲୋକପ୍ରିୟତା ଆଣିଦେଇଥିଲା ବୋଲି ମତ ପ୍ରକାଶ ପାଇଥିଲା। ସ୍ମରଣିକା ବାଇଟୁଙ୍ଗୁରି ଉନ୍ମୋଚିତ ହୋଇଥିଲା। ସଭାରେ କୈଳାସ ଚନ୍ଦ୍ର ଟିକାୟତରାୟ, ଭଗବାନ ଜୟସିଂ, ଜନ୍ମେଜୟ ଦ୍ୱିବେଦୀ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ମାନସ ମହାପାତ୍ର, ଉମାକାନ୍ତ ମହାପାତ୍ର, ଅଜୟ ପ୍ରଧାନ, ପବିତ୍ର ମୋହନ ଦାଶ, ଜାନକୀବଲ୍ଲଭ ଦାଶ, ଚନ୍ଦ୍ର ମହାରଣା, କାମଦେବ ମହାରଣା, ସନ୍ୟାସୀ ନାୟକ, ଆଲୋକ ପ୍ରଧାନ, କୁମାର ବାଳକୃଷ୍ଣ, ସୌମେନ୍ଦ୍ର ଦାସ, ଶୈଳବାଳା ପଲାଇ, ମମତା ଦାସ, କୃଷ୍ଣପ୍ରିୟା ମହାପାତ୍ର, ସୁଜାତା ସିହ୍ନା, ସୁଚିତ୍ରା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ସମ୍ପ୍ରସାରଣ ନେଇ ଜନଶୁଣାଣି

ପୁରୀ ଅଫିସ, ୧୭।୧୧

ପୁରୀ ଡାକ୍ତରଖାନା ଛକଠାରୁ ବାଟଗାଁ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ନେଇ ବୁଧବାର ଜନ ଶୁଣାଣି ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ କାଶୀହରିପୁର, ସିରେଇକୋଣପାଟଣା, ଭାରତୀପୁର, କଦଳୀବାରିପାଟଣା, ଆଳିକିଆ ଓ ଚକ୍ରବର୍ତ୍ତୀ ଗ୍ରାମ ପାଇଁ ମା' ବସନ୍ତେଇ ମନ୍ଦିର ନିକଟ ଏବଂ ଅପରାହ୍ନରେ ବାଟଗାଁ ନିମନ୍ତେ ହରେକୃଷ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନଶୁଣାଣି ହୋଇଥିଲା। ଏହି ପ୍ରକଳ୍ପ ନିମନ୍ତେ ପୁରୀ ତହସିଲ ଅନ୍ତର୍ଗତ ୩ଟି ପଞ୍ଚାୟତର ୧୧ଟି ଗ୍ରାମରୁ ୬.୪୭୬୫ ଏକର ଜମି ଅଧିଗ୍ରହଣ କରାଯିବ। ସେଥିମଧ୍ୟରେ ୧.୧୦୯ ଏକର ସରକାରୀ ଜମି ଥିବା ବେଳେ ୬୨୮ ପରିବାରର ୫.୩୬୭୫ ଏକର ବ୍ୟକ୍ତିଗତ ଜମି ରହିଛି। ଉକ୍ତ ପ୍ରକଳ୍ପ ନିମନ୍ତେ ଦ୍ୱିତୀୟ ତଥା ଶେଷ ଦିନ ଶୁଣାଣିରେ ମୋଟ ୩ ଏକର ୩୦ ଡିସିମିଲ ଜମି ନିମନ୍ତେ ଜନଶୁଣାଣି ହୋଇଥିଲା। କାଶୀହରିପୁରର ୨ ଏକର ୬୦ ଡିସିମିଲ ଏବଂ ବାଟଗାଁ ନିମନ୍ତେ ୭୦ ଡିସିମିଲ ଜମି ପାଇଁ ଜନଶୁଣାଣି ହୋଇଥିଲା। ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଲାଗି ଜମି ମାଲିକମାନେ ଦାବି ଜଣାଇଥିଲେ। ରାସ୍ତା ସଂପ୍ରସାରଣକୁ ସଂପୃକ୍ତ ଅଞ୍ଚଳବାସୀ ସମର୍ଥନ କରିଥିବା ପ୍ରଶାସନ କହିଛି। ଏହି ଜନଶୁଣାଣିରେ ଉପଜିଲାପାଳ ଭବତାରଣ ସାହୁ, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକ, ଶ୍ରୀମନ୍ଦିର ଉପପ୍ରଶାସକ ସନ୍ତୋଷ ଶତପଥୀ, ତହସିଲଦାର ରବୀନ୍ଦ୍ର ପ୍ରଧାନ, ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ବୀରହରେକୃଷ୍ଣପୁର ସରପଞ୍ଚ ରାଜକିଶୋର ପଣ୍ଡା, କାଶୀହରିପୁର ସରପଞ୍ଚ ପୁଷ୍ପଲତା ଭୋଇ ଏବଂ ଅଂଶୀଦାରମାନେ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପଟି ଅବଢା ଯୋଜନା ଅନ୍ତର୍ଭୁକ୍ତ। ଉକ୍ତ ରାସ୍ତାରେ ଗହଳିକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ୪ ଲେନ ବିଶିଷ୍ଟ କରିବାକୁ ୨୦୧୭-୧୮ ମସିହାରେ ନିଷ୍ପତ୍ତି ନିଆଯାଇଥିଲା। ଭୁବନେଶ୍ୱରସ୍ଥିତ ଜୟଦେବ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ଉକ୍ତ ପ୍ରକଳ୍ପର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଥିଲା। ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ପେନ୍‌ସନ, ବୀମା ବ୍ୟବସ୍ଥା ଲାଗୁ କରାଯାଉ'

ପୁରୀ ଅଫିସ, ୧୭।୧୧



ପ୍ଲମ୍ବର୍ସ ୟୁନିୟନର ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ପୁରୀ ଜିଲା ପ୍ଲମ୍ବର୍ସ ୟୁନିୟନର ବାର୍ଷିକ ସମ୍ମିଳନୀ ବୁଧବାର ନବକଳେବର ରୋଡସ୍ଥିତ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାସ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସିଆଇଟିୟୁ ନେତା ଶରତ କୁମାର ରାୟଗୁରୁ ଯୋଗଦେଇ କହିଥିଲେ, ନିର୍ମାଣ ଶ୍ରମିକ ଭାବେ ପ୍ଲମ୍ବରମାନେ ରିଅଲ ଇଷ୍ଟେଟରେ ପ୍ରମୁଖ ଭୂମିକା ନେଉଥିଲେ ମଧ୍ୟ ସେମାନଙ୍କ ପାଇଁ ସାମାଜିକ ନିରାପତ୍ତା ନାହିଁ। ପେନ୍‌ସନ ଓ ବୀମା ସୁବିଧା ମଧ୍ୟ ଲାଗୁ କରାଯାଇନାହିଁ। ୟୁନିୟନ ପକ୍ଷରୁ ୨% ସେସ୍ ଆଦାୟ ଦାବି କରାଯାଉ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହେଉନାହିଁ। ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟ ମନ୍ଥର ଯୋଗୁ ନିର୍ମାଣ ଶ୍ରମିକମାନେ ସହାୟତାରୁ ବଞ୍ଚିତ ହେଉଛନ୍ତି। ପେନ୍‌ସନ ଓ ବୀମା ବ୍ୟବସ୍ଥା ସମେତ ବିଭିନ୍ନ ଦାବି ନେଇ ଆନ୍ଦୋଳନ ହେବା ଦରକାର ବୋଲି ରାୟଗୁରୁ କହିଥିଲେ। ଏହି ଅବସରରେ ସୁଶିଲ କୁମାର ସାହୁ, ପ୍ରଭାକର ଦାସ, ଉମେଶ ଜେନା, ବିଜୟ ପରିଡ଼ା, ଚକ୍ରଧର ମାଣିକ, ନୀଳାମ୍ବର ପଲେଇ, ଅଶୋକ ସ୍ୱାଇଁ, ବିଷ୍ଣୁ ବଡ଼ିଆ, ଗୋବର୍ଦ୍ଧନ ସାହୁ ଏବଂ ଚକ୍ରଧର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଭିନ୍ନ ପ୍ରତିଷ୍ଠାନର ମୁଖ୍ୟମାନଙ୍କୁ ୟୁନିୟନ ତରଫରୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦୁର୍ଘଟଣାରେ ଆହତଙ୍କୁ ସହାୟତା ପାଇଁ ତାଲିମ

ପୁରୀ ଅଫିସ, ୧୭।୧୧

ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରିବା ନିମନ୍ତେ ବୁଧବାର ମାଳତୀପାଟପୁର ବସଷ୍ଟାଣ୍ଡ ପରିସରରେ 'ରକ୍ଷକ' ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୫ ତାଲିମଦାତା ଓ ଫାଷ୍ଟ ରେସପଣ୍ଡର ଯୋଗଦେଇଥିଲେ। ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ, ଡାକ୍ତରଖାନାରେ ତୁରନ୍ତ ପହଞ୍ଚାଇବା ପାଇଁ ଫାଷ୍ଟ ରେସପଣ୍ଡରଙ୍କୁ ତାଲିମ ଦେଉଥିବା ବ୍ୟକ୍ତିଙ୍କ ଦକ୍ଷତା ବୃଦ୍ଧି ଓ ସ୍ୱେଚ୍ଛାସେବୀ କାର୍ଯ୍ୟ ପ୍ରତି ଆକୃଷ୍ଟ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ହୋଇଛି। ଦୁର୍ଘଟଣା ଆଶଙ୍କା ଥିବା ସ୍ଥାନ ନିକଟ ଏବଂ ରାସ୍ତାପାର୍ଶ୍ୱ ଢାବା, ଗ୍ୟାରେଜ, ଚା ଓ ପାନ ଦୋକାନରେ କାର୍ଯ୍ୟରତ ଓ ସେବା ମନୋବୃତ୍ତି ଥିବା ବ୍ୟକ୍ତି ବିଶେଷଙ୍କୁ ଏହି ତାଲିମ ଦିଆଯାଉଛି। ସେହିପରି ପୁରୀ ସଦର ଥାନାଧିକାରୀ ସୁମତି ମହାନ୍ତିଙ୍କ ସୁପାରିସ କ୍ରମେ କେତେଜଣଙ୍କୁ ତାଲିମ ଦିଆଯାଇଥିଲା। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ, ଭାରତୀୟ ରେଡକ୍ରସର ଓଡ଼ିଶା ଶାଖା ଏବଂ ନୂଆଦିଲ୍ଲୀସ୍ଥିତ ଜିଆଇଜେଡ୍ ଅନୁଷ୍ଠାନର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୟୁଥ୍ ରେଡକ୍ରସ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ସମୀର ରଞ୍ଜନ ଦଳାଇ, ମୋଟରଯାନ ନିରୀକ୍ଷକ ଶୁଭେନ୍ଦୁ ରଞ୍ଜନ ରାୟ, ସଡ଼କ ସୁରକ୍ଷା ଅଧିକାରୀ ବାମଦେବ ସାହୁ, ଟ୍ରାଫିକ ସବ୍‌ଇନ୍ସପେକ୍ଟର ସୁଶାନ୍ତ ପାତ୍ର, ସଦର ଥାନା ଅଧିକାରୀ ସୁମତି ମହାନ୍ତି ଓ ୟୁଥ ରେଡକ୍ରସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜଙ୍ଗଲ ଜମି ସୁରକ୍ଷା ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ

ପୁରୀ ଅଫିସ, ୧୭।୧୧

ଜଙ୍ଗଲ ଜମି ସହିତ ଚାଷୀଙ୍କୁ ସୁରକ୍ଷା ଦେବା ଦାବିରେ ପୁରୀ ସିପସରୁବାଲି ମୌଜାର ୩ ପଞ୍ଚାୟତବାସୀ ବୁଧବାର ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି, ୫୦ ବର୍ଷରୁ ଅଧିକ ହେବ ପୁଷ୍ପାଳକ ଜଙ୍ଗଲରେ ମାଲିକଙ୍କ ତତ୍ତ୍ୱାବଧାନରେ ଭାଗଚାଷୀ ରୂପେ କାର୍ଯ୍ୟ କରିଆସୁଛନ୍ତି। ଜଙ୍ଗଲରେ ଗଛ ଲଗାଇବା ସହ ଚୋରଙ୍କ କବଳରୁ ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦେଉଛନ୍ତି। ତେବେ ଆଖପାଖ ଗ୍ରାମର କେତେଜଣ ଖଳ ପ୍ରକୃତିର ବ୍ୟକ୍ତି କାଠ ଓ କାଜୁ ମଞ୍ଜି ଚୋରି କରି ବଜାରରେ ବିକୁଛନ୍ତି। ଏହାକୁ ବିରୋଧ କରିବାରୁ ସମ୍ପୃକ୍ତ ବ୍ୟକ୍ତିମାନେ ସେମାନଙ୍କୁ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଉଛନ୍ତି। ଏ ନେଇ ପୋଲିସ ନିକଟରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ। ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଜଙ୍ଗଲ ଜମି ଓ ଚାଷୀଙ୍କୁ ସୁରକ୍ଷା ଦେବାକୁ ପଞ୍ଚାୟତବାସୀ ଅନୁରୋଧ କରିଛନ୍ତି। ଏ ନେଇ ଅଭିଯୋଗ କାରୀମାନେ ଜିଲାପାଳଙ୍କୁ ଉକ୍ତଦାବିପତ୍ରରଏକନକଲପ୍ରଦାନକରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସିପୁନ୍



@ ସୁଜିତ



@ ଲୋକନାଥ



@ ଲିଜା



@ ରତିକାନ୍ତ



@ ସିଲୁ

# ସମାଜକୁ ବଦଳାଇପାରିବେ ଖବରଦାତା

ପିପିଲି,୧୭।୧୧(ସ୍ୱ.ପ୍ର.)

ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ରକ୍ଷାକାରୀ। ନିଜ ଲେଖନୀ ମୁନରେ ସମାଜକୁ ପରିବର୍ତ୍ତନ କରିବାର ଶକ୍ତି ଖବରଦାତାଙ୍କର ଅଛି ବୋଲି ପିପିଲି ମଙ୍ଗଳପୁର ନିକଟ ଏକ ରିସର୍ଟରେ ପିପିଲି ପେଷାଦାର ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଜାତୀୟ ପ୍ରେସ ଦିବସରେ ଅତିଥିମାନେ ମତପ୍ରକାଶ କରିଥିଲେ। ସଂଘର ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବଡ଼ଖବର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାଶ, ସମ୍ମାନିତ ଅତିଥି ଖବରଦାତା ବଙ୍କିମ ନାୟକ, ପ୍ରସନ୍ନ ତ୍ରିପାଠୀ, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ପ୍ରମୋଦ ପଟ୍ଟନାୟକ, ବେଣୁଧର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସୌରଭ ପଟ୍ଟନାୟକ, ନିରାକାର ଦଳେଇ, ଜମିଲ ଅକତର, ସନ୍ଦୀପ ମହାପାତ୍ର, ସୁବାସ ଗଜେନ୍ଦ୍ରଙ୍କୁ ସେବା ସମ୍ମାନରେ ସମ୍ମାନିତ କରିବା ସହ ଖବରଦାତା ପ୍ରସନ୍ନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଦସ୍ୟ ପ୍ରଭାତ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ମମିତା ମେହେରଙ୍କ ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ ସହ ତଦନ୍ତ ପରିସରଭୁକ୍ତ ପାଇଁ ଭୁବନେଶ୍ୱର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବୁଧବାର ମାଷ୍ଟରକ୍ୟାଣ୍ଟିନ ଛକରେ ଦସ୍ତଖତ ଅଭିଯାନ।



କଳାହାଣ୍ଡି ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ବୁଧବାର ମହିଳା ଅଧିକାର ଅଭିଯାନ (ମା') ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।




ପୁରୀଠାରେ ବୁଧବାର ବ୍ୟଙ୍ଗ ସାହିତ୍ୟିକ ମୋହନଦାସ ରତିକାନ୍ତ ରାଓ (ଏମ୍‌ଆର୍ କେଆର୍)ଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ସ୍ମରଣିକା ବାଇଟୁଙ୍ଗୁରି ଉନ୍ମୋଚନ କରାଯାଉଛି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜାତ ଶିଶୁଙ୍କ ଯତ୍ନ ସପ୍ତାହ

ବାଙ୍କୀ, (ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ କୁସୁନ୍ଦା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରଠାରେ ନବଜାତ ଶିଶୁଙ୍କ ଯତ୍ନ ସପ୍ତାହ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡା. ପୁଷ୍ପଲତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳା, ପ୍ରସୂତି, ଆଶା ଓ ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ନବଜାତ ଶିଶୁଙ୍କ ସୁରକ୍ଷା ଓ ଜନ୍ମ ପରେ ମା'କ୍ଷୀରର ଉପାଦେୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନବଜାତ ଶିଶୁଙ୍କ କିପରି ଯତ୍ନ ନିଆଯିବ, ସେ ସମ୍ପର୍କରେ ଅବଗତ କରାଯାଇଥିଲା। ଜନସମ୍ପ୍ରସାରଣ ଅଧିକାରିଣୀ ଶାନ୍ତିଲତା ଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସଂକ୍ଷେପରେ

## ଆଜି ରାତି ୧୧ ଯାଏ ମହାପ୍ରଭୁଙ୍କ ଦର୍ଶନ ମିଳିବ

ପୁରୀ ଅଫିସ, ୧୭।୧୧: ପଞ୍ଚକରେ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୂର୍ବରୁ ଜାରି ହୋଇଥିବା ଏସ୍‌ଓପିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ବୁଧବାର ଓ ଗୁରୁବାର ଦୁଇଦିନ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥାରେ ୨ଘଣ୍ଟା ବୃଦ୍ଧି କରାଯାଇଛି। ଏନେଇ ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନୂତନ ଏସ୍‌ଓପି ଅନୁଯାୟୀ ବୁଧବାର ଶ୍ରଦ୍ଧାଳୁମାନେ ରାତି ୯ଟା ପରିବର୍ତ୍ତେ ରାତି ୧୧ଟା ପର୍ଯ୍ୟନ୍ତ ଦର୍ଶନ କରିଥିଲେ। ସେହିପରି ଗୁରୁବାର ସକାଳ ୭ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ତେବେ ପୂର୍ବ ନିଷ୍ପତ୍ତି ଅନୁଯାୟୀ କାର୍ତ୍ତିକ ପୂର୍ଣ୍ଣିମା ଦିନ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଚଳିତ ବର୍ଷ ଭକ୍ତମାନେ ମହାପ୍ରଭୁଙ୍କ ସୁନାବେଶରୁ ବଞ୍ଚିତ ହେବେ।

## ମୋବାଇଲ ଚୋରି, ଯୁବକ ଗିରଫ

ଫୁଲନଖରା, ୧୭।୧୧(ଡି.ଏନ୍.ଏ.)- ମୋବାଇଲ ଚୋରି ଅଭିଯୋଗରେ କଟକ ସଦର ପୋଲିସ ଜଣେ ଯୁବକଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନିଆଳି ଥାନା ଅନ୍ତର୍ଗତ ଦିଗି ଗ୍ରାମର ପ୍ରକାଶ ପାତ୍ର। ତାଙ୍କଠାରୁ ଚୋରି ମୋବାଇଲ ଜବତ ହୋଇଛି। କଟକ ସଦର ଥାନା ଅନ୍ତର୍ଗତ ଦକ୍ଷୀଣ ଉଷୁମା ଗ୍ରାମର ଅଙ୍କିତା ବେହେରା ବସ୍‌ରେ କଲେଜ ଯିବା ସମୟରେ ତାଙ୍କ ମୋବାଇଲ ଚୋରି ହୋଇଥିଲା। ଏ ନେଇ ସେ ଗତ ୧୫ ତାରିଖରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୪୧/୨୧) ରୁଜୁ କରିଥିଲା।

## ପୃଥକ୍ ମାମଲା ରୁଜୁ, ପୋଲିସର ତଦନ୍ତ

ନିଶ୍ଚିନ୍ତକୋଇଲି,୧୭।୧୧(ସ୍ୱ.ପ୍ର.): ନେମାଳ ଥାନା ତରତଶାସନ ପଞ୍ଚାୟତ କୋଇଲିରଙ୍ଗୀ ଗାଁରେ ଅସହାୟା ମହିଳାଙ୍କୁ ଗାଳିଗୁଲଜ ଓ ହତ୍ୟା ଧମକ ଘଟଣା ଭିନ୍ନମୋଡ଼ ନେଇଛି। ପୋଲିସ ପକ୍ଷରୁ ଏହି ଘଟଣାକୁ ନେଇ ୨ଟି ପୃଥକ୍ ମାମଲା ରୁଜୁ କରାଯାଇଛି। ଗତ ୧୩ ତାରିଖ ରାତ୍ରିରେ ଏକ ଅଶ୍ଳୀଳ ଭିଡିଓ ପ୍ରସ୍ତୁତି ଘଟଣାକୁ କେନ୍ଦ୍ରକରି କୋଇଲିରଙ୍ଗୀ ଗାଁର ଦୁଇ ଅସହାୟା ମହିଳାଙ୍କୁ ସ୍ଥାନୀୟ ଗାଁର କେତେଜଣ ବ୍ୟକ୍ତି ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ଥାନାରେ ୪ ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ଏହି ଅଭିଯୋଗର ତଦନ୍ତ କରି ନଂ. ୧୬୪/୨୧ରେ ମାମଲା ରୁଜୁ କରିଛି। ଅପରପକ୍ଷରେ ଦୁଇ ଭଉଣୀଙ୍କ ନାମରେ ସ୍ଥାନୀୟ ଗାଁର ରଞ୍ଜନ କୁମାର ମଲିକଙ୍କୁ ଜାତିଆଣ ଆକ୍ଷେପ ସହ ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ ପରେ ନଂ. ୧୬୫/୨୧ରେ ମାମଲା ରୁଜୁ ହୋଇଛି। ତେବେ ବୁଧବାର ଡିଏସ୍‌ପି ରଣଜିତ ପୃଷ୍ଟି, ଆଇଆଇସି ଉମେଶ କୁମାର ସାହୁ ଓ ନରେନ୍ଦ୍ରପୁର ଫାଣ୍ଡି ଅଧିକାରୀ ଗୌରାଙ୍ଗ ଚରଣ ବିଶ୍ୱାଳ କୋଇଲିରଙ୍ଗୀ ଗାଁକୁ ଆସି ତଦନ୍ତ କରି ଫେରି ଯାଇଛନ୍ତି।

# ବ୍ୟାଙ୍କ ପ୍ରତିନିଧି ସାଜିବେ ମିଶନ ଶକ୍ତି ସଦସ୍ୟ

## ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ମହିଳାଙ୍କ ଅର୍ଥନୈତିକ ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଆବଶ୍ୟକସ୍ଥଳେ ମିଶନ ଶକ୍ତି ସଦସ୍ୟଙ୍କ ପାରିଶ୍ରମିକ ବୃଦ୍ଧି କରିବା ପାଇଁ ପଦକ୍ଷେପ ନିଅ। ଏହାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବ୍ୟାଙ୍କ ସୁବିଧା ନ ଥିବା ପଞ୍ଚାୟତରେ ମିଶନ ଶକ୍ତି ସଦସ୍ୟଙ୍କୁ ବ୍ୟାଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟଙ୍କୁ ସରକାରୀ ବିଭାଗ କାମ ଯୋଗାଇ ଦେବା ସମ୍ପର୍କରେ ଆୟୋଜିତ ସମୀକ୍ଷା କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

ଆଲୋଚନାରେ ଭାଗନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, ରାଜ୍ୟ ସରକାରଙ୍କ ସବୁ ବିଭାଗ ମିଶନ ଶକ୍ତି ଗୋଷ୍ଠୀର ମା' ମାନଙ୍କୁ କାମ ଯୋଗାଇ ଦେବାପାଇଁ ୩ ବର୍ଷ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛନ୍ତି। ମିଶନ ଶକ୍ତି ବିଭାଗ ସଚିବ ସୁଜାତା କାର୍ତ୍ତିକେୟନ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ୧୩ଟି ବିଭାଗ ୧ଲକ୍ଷ ୪ ହଜାର ୭୧୨ ମିଶନ ଶକ୍ତି ଗୋଷ୍ଠୀକୁ ୧୨୦୦ କୋଟି ଟଙ୍କାର ବିଜ୍‌ନେସ୍ ଯୋଗାଇ ଦେଇଛନ୍ତି। ଗୋଷ୍ଠୀ ସଦସ୍ୟମାନେ ୨୯୬ କୋଟି ଟଙ୍କାର ରୋଜଗାର ପାଇଛନ୍ତି। ରାଜ୍ୟର ୬,୭୯୮ ପଞ୍ଚାୟତରୁ ମାତ୍ର ୨,୧୪୯ ଗ୍ରାମରେ ବ୍ୟାଙ୍କ ଶାଖା ରହିଛି। ୪,୬୪୯ ପଞ୍ଚାୟତରେ ବ୍ୟାଙ୍କ ଶାଖା ନାହିଁ। ଏସବୁ ପଞ୍ଚାୟତରେ ମିଶନ ଶକ୍ତି ସଦସ୍ୟଙ୍କୁ ବ୍ୟାଙ୍କ ପ୍ରତିନିଧି ଭାବେ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଜାରିରହିଛି। ଅଦ୍ୟାବଧି ୧,୨୬୨ ନିଯୁକ୍ତି ଦିଆସରିଛି। ୩,୫୦୮ ଗୋଷ୍ଠୀର ମା'ମାନଙ୍କର ଚୟନ ପ୍ରକ୍ରିୟା ଚାଲିଛି। ନିଯୁକ୍ତି ପାଇଥିବା ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାସିକ ୨୦୦୦ ଟଙ୍କା ଲେଖାଏ ଯୋଗାଇ ଦିଆଯାଉଛି ବୋଲି ମିଶନ ଶକ୍ତି ସଚିବ ସୂଚନା ଦେଇଛନ୍ତି। ଯେଉଁ ବିଭାଗ ଏପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରିନାହାନ୍ତି, ସେମାନଙ୍କ ପାଇଁ ଖୁବ୍ ଶୀଘ୍ର ଆଉ ଏକ ସମୀକ୍ଷା ବୈଠକ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରିଥିଲେ। ଉନ୍ନୟନ କମିଶନର ପି.କେ. ଜେନାଙ୍କ ସମେତ ବିଭିନ୍ନ ବିଭାଗର ସଚିବ ଉପସ୍ଥିତ ଥିଲେ।



ଲଘୁଚାପ ବର୍ଷାରେ ଧାନ ଫସଲ କ୍ଷତିଗ୍ରସ୍ତ ଯୋଗୁ ଚାଷୀମାନେ ସହାୟତା ଓ ସମ୍ପୂର୍ଣ୍ଣ ଋଣ ଛାଡ଼ ଦାବିରେ ଗଜାଧାନ ଧରି ବୁଧବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଘରୋଇ ସ୍କୁଲ ସ୍ୱୀକୃତି ନବୀକରଣ ପାଇଁ ବୋର୍ଡର ନିର୍ଦ୍ଦେଶ

କଟକ ଅଫିସ,୧୭।୧୧

ଘରୋଇ ସ୍କୁଲଗୁଡିକର ସ୍ୱୀକୃତି ନବୀକରଣ ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମଙ୍ଗଳବାର ସମସ୍ତ ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱୀକୃତି ନ ଥିବା ସ୍କୁଲଗୁଡିକ ନୂତନ ଭାବେ ଆବେଦନ କରିପାରିବେ। ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ନବୀକରଣ ଏବଂ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ନୂତନ ଆବେଦନ କରିହେବ। ବୋର୍ଡ ପକ୍ଷରୁ ସ୍ୱୀକୃତିପତ୍ର ପାଇବା ପାଇଁ ସ୍କୁଲଗୁଡିକ ଲାଗି ସ୍ୱତନ୍ତ୍ର ଫି' ନିର୍ଦ୍ଧାରଣ କରାଯାଇଛି। ନବୀକରଣ ପାଇଁ ୪ହଜାର ଟଙ୍କା ଓ ନୂତନ ସ୍ୱୀକୃତି ପାଇଁ ୬ହଜାର ଟଙ୍କା ଅନ୍‌ଲାଇନ ମାଧ୍ୟମରେ ଦେବାକୁ ପଡିବ। ଡିଇଓଙ୍କ ନିକଟରେ ଆବେଦନପତ୍ରର ନକଲ ଡିସେମ୍ବର ୧୫ ତାରିଖ ପୂର୍ବରୁ ଦାଖଲ କରିବାକୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବୋର୍ଡ ସମ୍ପାଦକ ଶ୍ରୀକାନ୍ତ ତରାଇ ନିର୍ଦ୍ଦେଶ ଦେଇଛନ୍ତି। ପରେ ଡିଇଓମାନେ ଆବେଦନପତ୍ରକୁ ବୋର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ଡିସେମ୍ବର ୨୫ ତାରିଖ ସୁଦ୍ଧା ଦାଖଲ କରିବେ। ଏହାପରେ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆବେଦନପତ୍ରକୁ ଆସନ୍ତା ଜାନୁୟାରୀ ୧ ତାରିଖ ପୂର୍ବରୁ କଟକସ୍ଥିତ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଦାଖଲ ପାଇଁ କୁହାଯାଇଛି। ତେବେ କେଉଁ ସ୍କୁଲଗୁଡିକ ଏଥିପାଇଁ ଆବେଦନ କରିପାରିବେ ଏ ସମ୍ପର୍କିତ ଗାଇଡ୍‌ଲାଇନ ବୋର୍ଡ ପକ୍ଷରୁ ଜାରି କରାଯାଇଛି। କେବଳ ଘରୋଇ ସ୍କୁଲଗୁଡିକ ସ୍ୱୀକୃତି ଜରୁରୀ ବୋଲି ଚିଠିରେ ଦର୍ଶାଯାଇଛି। ଆବେଦନ ପରେ ଯେଉଁ ସ୍କୁଲଗୁଡିକ ସ୍ୱୀକୃତି ପାଇବ ତାହାର ତାଲିକା ଏବଂ ଫି' ଦାଖଲର ରସିଦ୍ ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।

## ହାତୀ, ବାର୍‌ହା ଉପଦ୍ରବ: ଫସଲ ନଷ୍ଟ

ଖୁଣ୍ଟୁଣୀ, ୧୭।୧୧(ଡି.ଏନ୍.ଏ.)

ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ କଣ୍ଡରେଇ ପଞ୍ଚାୟତ କଂସର ଗ୍ରାମରେ ହାତୀ ଓ ବାର୍‌ହା ଉପଦ୍ରବ ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡିଛନ୍ତି। ସେମାନଙ୍କୁ କ୍ଷତିପୂରଣ ପ୍ରଦାନ ସହ ଫସଲ ରକ୍ଷା କରିବା ପାଇଁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। କପିଳାସ ଜଙ୍ଗଲରୁ ଆସିଥିବା ୭ଟି ହାତୀ ମଙ୍ଗଳବାର ରାତିରେ କଂସର ମୌଜାର ବିଚିତ୍ରାନନ୍ଦ ପଣ୍ଡାଙ୍କ ଜମିରେ ପଶି ଧାନ ଖାଇବା ସହ ନଷ୍ଟ କରିଥିଲେ। ଅନ୍ୟପକ୍ଷରେ କଂସର ଗ୍ରାମର ଚକ୍ର ବାନ୍ଦିଆ, ଜାରକା କାରୁଆଁ, କେଦାର ସିଂ କାରୁଆଁ, ବୁଟା ସିଂ କାରୁଆଁ ଓ ପଞ୍ଚାନନ ସାହୁଙ୍କ ଜମିରେ ପ୍ରତିଦିନ ବାର୍‌ହା ପଶି ଫସଲ ନଷ୍ଟ କରୁଥିବା ଅଭିଯୋଗ ହୋଇଛି। ବନ ବିଭାଗ ପକ୍ଷରୁ ହାଇମାକ୍ସ ଲାଇଟ୍, ବାଣ ଯୋଗାଇ ଦିଆଗଲେ ଚାଷୀମାନେ ସେମାନଙ୍କ ଫସଲକୁ ହାତୀ ଓ ବାର୍‌ହା ଉପଦ୍ରବରୁ ରକ୍ଷା କରିପାରନ୍ତେ ବୋଲି ଚାଷୀ ବିଚିତ୍ରାନନ୍ଦ ପଣ୍ଡା କହିଛନ୍ତି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ମାଥୁରଙ୍କୁ ପଚାରିବାରେ ଚାଷୀଙ୍କ ପାଇଁ ସରକାରଙ୍କ ପକ୍ଷରୁ ଯାହା କ୍ଷତିପୂରଣ ବ୍ୟବସ୍ଥା ଥିବ ତାହା ନିଶ୍ଚିନ୍ତ ଦିଆଯିବ ବୋଲି କହିଥିଲେ।

## ୧୮ରୁ ଆବେଦନ, ୨୪ରେ ମେରିଟ୍ ଲିଷ୍ଟ

### ଯୁକ୍ତ୨ରେ ତୃତୀୟ ପର୍ଯ୍ୟାୟ ନାମଲେଖା

ଭୁବନେଶ୍ୱର, ୧୭।୧୧(ବ୍ୟୁରୋ)

ଯୁକ୍ତ୨ ପ୍ରଥମ ବର୍ଷରେ ତୃତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଖାଲି ପଡ଼ିଥିବା ସିଟ୍‌ରେ ଏହି ନାମଲେଖା ହେବ। ଏଥିପାଇଁ ଆସନ୍ତା ୧୮ତାରିଖ ପୂର୍ବାହ୍ନ ସାଢ଼େ ୧୧ଟାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୱେବ୍‌ସାଇଟ୍ www.samsodisha.gov.inରେ କମନ୍ ଆପ୍ଲିକେସନ ଫର୍ମ(ସିଏଏଫ୍) ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ୨୨ ତାରିଖ ରାତି ୧୧ଟା ୫୫ ସୁଦ୍ଧା ଆବେଦନ କରିବେ। ୨୪ ତାରିଖ ଅପରାହ୍ନ ୩ଟାରେ ମେରିଟ୍ ଓ ୱେଟିଂ ଲିଷ୍ଟ ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରମାନେ ୨୫ ତାରିଖ ସକାଳ ୧୦ଟାରୁ ୨୬ ତାରିଖ ଅପରାହ୍ନ ୪ଟା ସୁଦ୍ଧା ନାମ ଲେଖାଇବେ। ୨୬ ତାରିଖ ଅପରାହ୍ନ ୪ଟା ୧୫ରୁ ୨୭ ତାରିଖ ଅପରାହ୍ନ ୨ଟା ମଧ୍ୟରେ ୱେଟିଂ ଲିଷ୍ଟରେ ଥିବା ଛାତ୍ରୀଛାତ୍ରମାନେ ନାମ ପଞ୍ଜୀକରଣ କରିବେ ଓ ସେହିଦିନ ଅପରାହ୍ନ ୪ଟାରେ ପଞ୍ଜୀକୃତ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଏହି ଛାତ୍ରୀଛାତ୍ରମାନେ ୨୭ ତାରିଖ ଅପରାହ୍ନ ୪ଟାରୁ ୨୯ ତାରିଖ ଅପରାହ୍ନ ୫ଟା ମଧ୍ୟରେ ନାମ ଲେଖାଇବେ। ତେବେ ଯେଉଁ ପିଲାମାନେ ପ୍ରଥମ କରି ଆବେଦନ କରିବେ ସେମାନେ www.samsodisha.gov.inରେ ନିଜର ଫୋନ୍ ନମ୍ବର ଓ ଇମେଲ୍ ଠିକଣା ଦେଇ ନାମ ପଞ୍ଜୀକରଣ କରିବେ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## 'ଡାକ୍ତରୀ ସେବା ଗ୍ରାମାଭିମୁଖୀ ହେଉ'

କଟକ ଅଫିସ, ୧୭।୧୧

୭୫ ବର୍ଷର ଗୌରବମୟ ଗାଥାକୁ ସ୍ମରଣ କରି କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପ୍ଲାଟିନମ ଜୁବୁଲି(୭୫ ଫର ୭୫) ପାଳନ କରୁଅଛି । ଏହି କାର୍ଯ୍ୟକ୍ରମ ୩ଟି ପର୍ଯ୍ୟାୟରେ ପାଳନ କରାଯାଉଛି । ଏହି ଅବସରରେ ଏସ୍‌ସିବି ମେଡିକାଲ କଲେଜର ପୁରୁଣା ଅଡିଟୋରିୟମରେ ବୁଧବାର ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଜଗଦାନନ୍ଦ ଯୋଗଦେଇ କହିଥିଲେ, ଡାକ୍ତରୀସେବା ଗ୍ରାମାଭିମୁଖୀ ହେଉ। ଅନ୍ୟତମ ଅତିଥି ପଦ୍ମଶ୍ରୀ ଶାନ୍ତି ଦେବୀ ଯୋଗଦେଇ ଗାନ୍ଧିଜୀ ଓ ସନ୍ଥ ବିନୋବାଭାବେଙ୍କ ପ୍ରେରଣାଦାୟୀ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେହିପରି ସାମାଜିକ କର୍ମୀ କ୍ରିଷ୍ଣା ମହାନ୍ତି ଯୋଗଦେଇ ଚିକିତ୍ସାବିଜ୍ଞାନ କ୍ଷେତ୍ରରେ ମିଳିଥିବା ସଫଳତା ବିଷୟରେ ବର୍ଣ୍ଣନା କରିବା ସହିତ ମୃତ୍ୟୁ ଘଟିଥିବା କୋଭିଡ୍ ଯୋଦ୍ଧାମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସାମାଜିକ ଅସମାନତା ସମାଜ ଅଗ୍ରଗତିର ପ୍ରତିବନ୍ଧକ ହୋଇଥିବାରୁ ଏଥିପ୍ରତି ପ୍ରତ୍ୟେକ ବ୍ୟକ୍ତି ସଦାସର୍ବଦା ସଚେତନ ରହିବା ଉଚିତ୍ ବୋଲି ସେ କହିଥିଲେ। ମାନସୀ ପ୍ରଧାନ ଯୋଗଦେଇ ଡାକ୍ତରମାନଙ୍କ ପ୍ରତି ସରକାରୀ ପ୍ରୋତ୍ସାହନ ବୃଦ୍ଧି ପାଇବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ପ୍ରଫେସର, ଡାକ୍ତର, ଡାକ୍ତରୀ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଡ. ଦିଲ୍ଲେଶ୍ୱରି ପ୍ରଧାନ ଧନ୍ୟବାଦ ଦେଇଥିଲେ।





# ନନ୍ଦନକାନନରେ ଶିଶୁ ରେଳଗାଡ଼ି ପୁଣି ଅଚଳ



ଜଙ୍ଗଲରେ ଅଟକି ରହିଥିବା ଶିଶୁ ରେଳଗାଡ଼ି।



ଅଟକି ରହିଥିବା ପର୍ଯ୍ୟଟକଙ୍କୁ ଆଣିବାକୁ ଯାଇଥିବା ବସ୍‌ଟି ଅଧାବାଟରେ କାଦୁଅରେ ଫସି ରହିଛି।

### ଜଙ୍ଗଲ ମଧ୍ୟରେ ୬୦ ପର୍ଯ୍ୟଟକ ହଟହଟା

- ଚାଲିବାର ଦିନକ ପରେ ତ୍ରୁଟି
- ସ୍ଥିତି ପରଖିବାକୁ ଆସିବେ ବିଶେଷଜ୍ଞ

ବାରଙ୍ଗ,୧୭।୧୧(ଡି.ଏନ୍.ଏ.)

ନନ୍ଦନକାନନରେ ଥିବା ପ୍ରତୀକ୍ଷିତ ଶିଶୁ ରେଳଗାଡ଼ି(ଟୟ ଟ୍ରେନ୍)ର ବିବାଦ ଥମିବାର ନାଁ ଧରୁନାହିଁ। ଶିଶୁ ରେଳଗାଡ଼ି ଚାଲିବାର ଦିନକ ପରେ ପୁଣି ଅଚଳ ହୋଇପଡ଼ିଛି। ବୁଧବାର ଶିଶୁ ରେଳଗାଡ଼ିରେ ପର୍ଯ୍ୟଟକଙ୍କୁ ନେଇ ଫେରୁଥିବାବେଳେ ଚେନରେ ତ୍ରୁଟି ଦେଖାଯାଇଥିଲା। ଫଳରେ ଟ୍ରେନ୍ ଅଧାବାଟରେ ଅଟକିଯିବାରୁ ପର୍ଯ୍ୟଟକମାନେ ଫେରିବାରେ ନାନା ହଇରାଣ ହୋଇଥିଲେ। ଏପରିକି ପର୍ଯ୍ୟଟକଙ୍କୁ ଆଣିବାକୁ ଯାଇଥିବା ବସ୍‌ଟି ମଧ୍ୟ କାଦୁଅ ରାସ୍ତାରେ ଦବିଯାଇଥିଲା। କିଛି ସମୟପରେ ବସ୍‌ଟି ବାହାରିବା ପରେ ପର୍ଯ୍ୟଟକମାନେ ଫେରିଥିଲେ। ତେବେ ଶିଶୁ ରେଳଗାଡ଼ିର ବାରମ୍ବାର ଏଭଳି ତ୍ରୁଟି ପାଇଁ ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ଦାୟୀ କରୁଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ଶିଶୁ ରେଳଗାଡ଼ିଟି ୬ଟ୍ରିପରୁ ଶେଷ ଟ୍ରିପ୍‌ରେ ୬୦ଜଣ ପର୍ଯ୍ୟଟକ ନେଇ ଫେରୁଥିବାବେଳେ ୯ନମ୍ବର ପାଖ ନୂତନ ସଫାରି ରାସ୍ତାର ହରିଣ ଫାଟକ ରାସ୍ତାରେ ହଠାତ୍ ଅଟକିଥିଲା। ପଛ ଇଞ୍ଜିନ ବ୍ୟାଟେରି ଓ ଚେନ୍‌ରେ ତ୍ରୁଟି ଦେଖାଦେବାରୁ ରେଳଗାଡ଼ି ଆଉ ଚାଲିଲା ନାହିଁ। ଫଳରେ ପର୍ଯ୍ୟଟକମାନେ ପ୍ରାୟ ଅଧଘଣ୍ଟା ଜଙ୍ଗଲ ମଧ୍ୟରେ ଅଟକି ରହିଥିଲେ। ଖବରପାଇ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କୁ ଆଣିବା ପାଇଁ ଡିପାର୍ଟମେଣ୍ଟ ବସ୍ ପଠାଇଥିଲେ। ହେଲେ ଚାଳକଙ୍କ ଅସାବଧାନତା ହେତୁ ବସ୍‌ଟି ଏକ ମୋରମ ରାସ୍ତାରେ ଦବିଯାଇଥିଲା। ଶେଷରେ ପର୍ଯ୍ୟଟକମାନେ ଅଚଳ ଟ୍ରେନଠାରୁ ଜଙ୍ଗଲ ଭିତରେ ଚାଲି ଚାଲି ନନ୍ଦନକାନନର ଜିରାଫ ଖୁଆଡ଼ ପାଖ ରାସ୍ତାକୁ ଆସିଥିଲେ। ବସ୍‌ଟିକୁ ଉଠାଇବା ପରେ ନନ୍ଦନକାନନ ମୁଖ୍ୟରାସ୍ତାରେ ଅପେକ୍ଷାକରି ରହିଥିବା ପର୍ଯ୍ୟଟକଙ୍କୁ ନେଇ ଫେରିଥିଲା। ନନ୍ଦନକାନନର ପରିଚାଳନାଗତ ତ୍ରୁଟି ପାଇଁ ପର୍ଯ୍ୟଟକଙ୍କୁ ସେମାନଙ୍କ ଟଙ୍କା ଫେରାଯାଇଥିଲା। ତେବେ ଶିଶୁ ରେଳଗାଡିକୁ ନେଇ ଏବେ ନନ୍ଦନକାନନ ଚର୍ଚ୍ଚାରେ ରହିଛି। ନୂଆଗାଡ଼ି ନୂଆକରି ପ୍ରଚଳନ ହେବା ପରେ ମଧ୍ୟ ଏପରି ସମସ୍ୟା ଉପୁଜିବା ଓ ମରାମତି ପରେ ସଂସ୍ଥା ସହିତ ନନ୍ଦନକାନନ କର୍ତ୍ତୃପକ୍ଷ ଆଲୋଚନା କରି ୨ଦିନ ଟ୍ରାଏଲ ପରେ ଶିଶୁ ରେଳଗାଡି ଗଡ଼ିଥିଲା। ଏହାପରେ ବି ସମସ୍ୟା ଦେଖାଦେବାରୁ ଅଧିକାରୀଙ୍କର ଅନୁଧ୍ୟାନ ପ୍ରକ୍ରିୟାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ନନ୍ଦନକାନନ ଉପନିର୍ଦ୍ଦେଶକ ସଞ୍ଜିତ କୁମାର କହିଛନ୍ତି, ବୁଧବାର ୨୦୦ଲୋକଙ୍କୁ ବୁଲାଇ ସାରିବା ପରେ ଅପରାହ୍ନ ୪ଟାରେ ୬୦ଜଣ ପର୍ଯ୍ୟଟକଙ୍କୁ ନେଇ ଆସୁଥିବାବେଳେ ଅଧାବାଟରେ ଟ୍ରେନଟି ଅଟକିଯାଇଥିଲା। ପୁନର୍ବାର ଷ୍ଟାର୍ଟ ହୋଇ ନ ଥିଲା। ଭ୍ରମଣକାରୀଙ୍କ ସୁରକ୍ଷା ପାଇଁ ସମସ୍ତ ଦର୍ଶକଙ୍କୁ ବସ୍ ଯୋଗେ ଫେରାଇ ନିଆଯାଇଥିଲା। ଟ୍ରେନକୁ ଶୀଘ୍ର ମୂଲ୍ୟାଙ୍କନ କରିବା ପାଇଁ ବିଶେଷଜ୍ଞ ଦଳ ପଠାଇବାକୁ ଠିକା ସଂସ୍ଥାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି ଏବଂ ଯଦି ସମସ୍ୟା ଉପୁଜେ ତେବେ ଇଞ୍ଜିନକୁ ବଦଳାଇବାକୁ କୁହାଯିବ ବୋଲି କହିଛନ୍ତି।

ଉଲ୍ଲେଖଥାଉକି, ୭ ବର୍ଷର ବ୍ୟବଧାନ ପରେ ନୂଆ ରୂପରେ ନନ୍ଦନକାନନରେ ଶିଶୁ ରେଳଗାଡି ଚାଲିବା ଆରମ୍ଭ କରିଥିଲା। ନନ୍ଦନକାନନ କର୍ତ୍ତୃପକ୍ଷ ଏହାକୁ ୪କୋଟି ୯୮ଲକ୍ଷ ଟଙ୍କା ବ୍ୟୟରେ ଠିକା ସଂସ୍ଥା ମାଧ୍ୟମରେ ସଜାଡ଼ିବା ସହ ବିଭାଗୀୟ ମନ୍ତ୍ରୀ ଗତ ମାସ ୮ତାରିଖରେ ଶିଶୁରେଳଗାଡିର ଲୋକାର୍ପଣ କରିଥିଲେ। କିନ୍ତୁ ଏହା ୧୪ତାରିଖରେ ପ୍ରଥମକରି ପର୍ଯ୍ୟଟକଙ୍କୁ ନେଇ ଚାଲିବା ଆରମ୍ଭ କରିଥିଲା। କିନ୍ତୁ ଚାଲିବାର ଦିନକ ପରେ ଅର୍ଥାତ ୧୫ତାରିଖରେ ଶର୍ଟସର୍କିଟ ଯୋଗୁ ଏହାକୁ ବନ୍ଦ କରାଯାଇଥିଲା। ଏହାପରେ ଆଣିଥିବା ସଂସ୍ଥା ଏହାର ମରାମତି କରିବାପରେ ମଙ୍ଗଳବାର ଶିଶୁ ରେଳଗାଡିଟି ପୁନଃ ଚାଲିଥିଲା।

## ବିଜେଡିରେ ମିଶ୍ରଣ ପର୍ବ

ବାଙ୍କୀ, (ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ନରଗାଙ୍ଗଠାରେ ବିଜେଡି ପକ୍ଷରୁ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ବିଜେଡି ସଭାପତି ନାରାୟଣ ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ପଞ୍ଚାୟତର ଯୁବନେତା ସତ୍ୟାନନ୍ଦ ସାହୁ, ନିଲୁ ନାୟକ, ବାସୁ ନାୟକ, ଗୁରୁବାରୀ ନାୟକ, ପାଣୁ ନାୟକ ପ୍ରମୁଖଙ୍କୁ ଉତ୍ତରୀୟ, ଫୁଲତୋଡ଼ା ଦେଇ ବିଜେଡିକୁ ସ୍ୱାଗତ କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ମତଗଜ ସିଂହ, ବ୍ଲକ ଉପାଧ୍ୟକ୍ଷା ରେବତୀ ଜେନା, ଜିଲା ପରିଷଦ ସଭ୍ୟ ତ୍ରିଲୋଚନ ରାଉତ, ଡମପଡ଼ା ବ୍ଲକ ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ସମରେନ୍ଦ୍ର ମହାପାତ୍ର, ଅକ୍ଷୟ ମତଗଜ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ସହରରେ ନିର୍ମାଣ ହେବ ୧୨ ଭେଣ୍ଡିଂ ଜୋନ୍

**କଟକ ଅଫିସ,୧୭।୧୧**

କଟକ ସହରରେ ନିର୍ମାଣ ହେବ ୧୨ ଭେଣ୍ଡିଂ ଜୋନ୍। ଏଥିପାଇଁ ସିଡିଏ ସେକ୍ଟର ୭, ୧୦, ୧୧, ନୂଆବଜାର ମାଛ ମାର୍କେଟ, ଗୋପାଳପୁର ଅଣ୍ଡରପାସ, ୪୮ନଂ. ଓ୍ୱାର୍ଡ ଅଫିସ ସମ୍ମୁଖ, ୫୪ନଂ. ଓ୍ୱାର୍ଡର କୁଷ୍ଠାଶ୍ରମ, ଫକୀରପୁର ଆଇବି ରାସ୍ତା, ବିରୁପା ପୋଲ ନିକଟ, ଚାଉଳିଆଗଞ୍ଜ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ, ବୋର୍ଡ ଅଫ୍ ରେଭିନ୍ୟୁ ସମ୍ମୁଖ, ଦୟା ଆଶ୍ରମ ସମ୍ମୁଖରେ ସ୍ଥାନ ଚିହ୍ନଟ କରାଯାଇଛି। ଏଥିସହ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରରେ ଥିବା ୬ଟି ଭେଣ୍ଡିଂ ଜୋନ୍‌ର ଭିତ୍ତିଭୂମିରେ ସୁଧାର ଅଣାଯିବା ସହ ଖାଲିଥିବା ଦୋକାନଗୁଡିକ ପୂରଣ କରାଯିବ। ଏନେଇ ସିଏମ୍‌ସିର ଟାଉନ ଭେଣ୍ଡିଂ କମିଟି (ଟିଭିସି)ପକ୍ଷରୁ ନୂତନ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି। ସହରରେ ଥିବା ସାଢେ ୭ହଜାର ଭେଣ୍ଡିଂଜୋନ ବ୍ୟବସାୟୀଙ୍କ ମଧ୍ୟରୁ ୩୫୦୦ ଜଣଙ୍କୁ ପରିଚୟପତ୍ର ଓ ସାର୍ଟିଫିକେଟ ପ୍ରଦାନ କାରାଯାଇଛି। ଅବଶିଷ୍ଟ ବ୍ୟବସାୟୀଙ୍କୁ ଖୁବ୍‌ଶୀଘ୍ର ପରିଚୟପତ୍ର, ସାର୍ଟିଫିକେଟ୍ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ପରିଚୟପତ୍ର ମିଳିବା ପରେ ସେମାନଙ୍କୁ ଋଣ ନେବା ପାଇଁ ସୁବିଧା ହେବ। ସେହିପରି ବ୍ୟବସାୟୀ ଓ ବ୍ୟାଙ୍କଗୁଡିକ ସହ ସମନ୍ୱୟ ରକ୍ଷା କରିବା ପାଇଁ ସିଏମ୍‌ସି ପକ୍ଷରୁ ଅନେକ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ।

### ଦୋକାନୀଙ୍କୁ ମିଳିବ ପରିଚୟପତ୍ର

ପୂର୍ବରୁ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ, କଲେଜଛକ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖ, ସିଡିଏ ପେଟାନାଳ, ଓ୍ୱାର୍ଡ ନଂ.୬ର ଇଲେକ୍ଟ୍ରି ଅଫିସ ନିକଟ, ବିଡାନାସୀ ବନ୍ଧ ଛକ ଓ କ୍ୟାଣ୍ଟୋନମେଣ୍ଟ ଥାନା ପଛ ପାର୍ଶ୍ୱରେ ଥିବା ଭେଣ୍ଡିଂ ଜୋନର ଭିତ୍ତିଭୂମିରେ ସୁଧାର ଅଣାଯିବ। ଏଠାରେ ଡ୍ରେନେଜ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବ। ଅନ୍ୟପକ୍ଷରେ କ୍ୟାଣ୍ଟୋନମେଣ୍ଟ ଥାନା ପଛପାର୍ଶ୍ୱ ଭେଣ୍ଡିଂ ଜୋନ୍‌ର ୧୬ ଜଣ ବ୍ୟବସାୟୀ ସିକ୍ୟୁରିଟି ବାବଦ ଟଙ୍କା ଦାଖଲ କରିନାହାନ୍ତି । ଫଳରେ ସେମାନଙ୍କୁ ଉକ୍ତ ସ୍ଥାନରୁ ହଟାଇ ଅନ୍ୟ ବ୍ୟବସାୟୀଙ୍କୁ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ସମସ୍ୟାର ସମାଧାନ ପାଇଁ ବୁଧବାର ସିଏମ୍‌ସି କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଡେପୁଟି କମିଶନର ଶ୍ୱେତପଦ୍ମା ଶତପଥୀ, ସିଟି ଇଞ୍ଜିନିୟର ଦିବ୍ୟରଞ୍ଜନ ତ୍ରିପାଠୀ, କ୍ଷୁଦ୍ର ବ୍ୟବସାୟୀ ସଂଘ ସଭାପତି ପ୍ରକାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଟିଭିସିର ସଦସ୍ୟମାନେ ଉପରୋକ୍ତ ୧୨ ସ୍ଥାନ ନିରୀକ୍ଷଣ କରିବା ପରେ କମିଶନରଙ୍କ ଅନୁମତିକ୍ରମେ କାର୍ଯ୍ୟ ଆଗକୁ ବଢିବ ବୋଲି ସୂଚନା ମିଳିଛି।

## ସଂକ୍ଷେପରେ

### ଚୋରି ଟ୍ରାକ୍ଟର ଜବତ, ଡ୍ରାଇଭର ଗିରଫ

ଫୁଲନଖରା, ୧୭।୧୧(ଡି.ଏନ୍.ଏ.)– ଟ୍ରାକ୍ଟର ଚୋରି ଅଭିଯୋଗରେ କଟକ ସଦର ପୋଲିସ ଜଣେ ଚାଳକଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଜିଲା ଇଟାମାଟି ଅଞ୍ଚଳର ଶିବୁ ପରିଡା। ତାଙ୍କଠାରୁ ଚୋରି ଟ୍ରାକ୍ଟର ଜବତ କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଶିବୁ ୪ ମାସ ପୂର୍ବରୁ ଏହି ଥାନା ଅନ୍ତର୍ଗତ ୪୨ ମୌଜା ବ୍ରହ୍ମପୁର ଗ୍ରାମର ଶଶିକାନ୍ତ ଦାସଙ୍କ ଟ୍ରାକ୍ଟର ଚଳାଉଥିଲେ। କୌଣସି କାରଣରୁ ସେ ଆଉ ଟ୍ରାକ୍ଟର ଚଲାଇବା ଛାଡି ଦେଇଥିଲେ। ଗତ ୧୩ ତାରିଖ ବିଳମ୍ବିତ ରାତିରେ ଟ୍ରାକ୍ଟରଟି ଚୋରି ହୋଇଯାଇଥିଲା। ଏ ନେଇ ଶଶିକାନ୍ତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୬୩୬/୨୧) ରୁଜୁ କରିଥିଲା। ପରେ ପୋଲିସ ବିଭିନ୍ନ ଜାଗାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଇଟାମାଟି ଅଞ୍ଚଳରୁ ଶିବୁଙ୍କୁ ଗିରଫ କରିଥିଲା।

### ଓଡ଼ିଶା ମେଡିକାଲ କର୍ମଚାରୀ ସଂଘର ଆନ୍ଦୋଳନ ସ୍ଥଗିତ

କଟକ ଅଫିସ, ୧୭।୧୧- ବିଭିନ୍ନ ଦାବି ନେଇ ଆସନ୍ତା ୨୨ ତାରିଖରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ କଳାବ୍ୟାଜ୍ ପିନ୍ଧି ଡାକରା ଦିଆଯାଇଥିବା ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଏ ସମ୍ପର୍କରେ ସଂଘ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ଉପସଭାପତି ସାକିର ଖାଁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ୧୦ ଦଫା ଦାବି ପୂରଣ ପାଇଁ ସଂଘ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଥିଲା। ହେଲେ ଏଥିରେ କୌଣସି ସୁଫଳ ନ ମିଳିବାରୁ ସଂଘ ପକ୍ଷରୁ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ସରକାର ୧୦ ଦଫା ଦାବିକୁ ଗୁରୁତର ସହ ଗ୍ରହଣ କରି ଚିଠି ନଂ. ୭୩୦/୧୬।୧୧।୨୧ରେ ସଂଘର ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବା ପାଇଁ ଜଣାଇଛନ୍ତି। ସରକାରଙ୍କ ପକ୍ଷରୁ ବିଶ୍ୱାଳ ଆସନ୍ତା ବିଧାନସଭା ଶୀତକାଳୀନ ଅଧିବେଶନ ଭିତରେ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବେ। ଏଥିପାଇଁ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି।

### ବିଧାୟକଙ୍କୁ ସମସ୍ୟା ଜଣାଇଲେ ପାଲା କଳାକାର

କଟକ ଅଫିସ, ୧୭।୧୧- କଟକ ଜିଲା ପାଲାକାର ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କୁ ତାଙ୍କ ସାଇଦାନୀ ବଗିଚାସ୍ଥିତ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଏହି ଅବସରରେ ପ୍ରତିନିଧି ମଣ୍ଡଳୀ ସଦସ୍ୟମାନଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। କରୋନା ମହାମାରୀ ଯୋଗୁ ବିଭିନ୍ନ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ କଟକଣା ଜାରି କରାଯାଇଛି। ଏଥିଯୋଗୁ ପାଲା କଳାକାରମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଧାୟକ ସମସ୍ତ ପାଲା କଳାକାରଙ୍କୁ ନିଜସ୍ୱ ସହାୟତା ପ୍ରଦାନ କରିଥିଲେ। ପ୍ରତିନିଧି ମଣ୍ଡଳି ସଦସ୍ୟଙ୍କ ଅନୁରୋଧକ୍ରମେ କଟକ ସହରରେ ପରିଷଦର ସ୍ଥାୟୀ କାର୍ଯ୍ୟାଳୟ ନିମନ୍ତେ ବିଧାୟକ ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପରିଷଦ ସଭାପତି ଶୁଭ୍ରାଂଶୁ ଭୂଷଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ସମ୍ପାଦକ କୁଳମଣି ପଣ୍ଡା, ଉପଦେଷ୍ଟା ଚୌଧୁରୀ କାଶୀନାଥ ମଲ୍ଲିକ, କୈଳାସ ଚନ୍ଦ୍ର ଜେନା, ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଶରତ ଚନ୍ଦ୍ର ତ୍ରିପାଠୀ, ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ ।



ବୁଧବାର ବଡ଼ଓଷା ଅବସରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ।

### ବିନା ଭକ୍ତରେ ବଡ଼ଓଷା ପାଳିତ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ

**ଖୁଣ୍ଟୁଣୀ, ୧୭।୧୧(ଡି.ଏନ୍.ଏ.)**

କୋଭିଡ୍ କଟକଣା ମଧ୍ୟରେ କଟକ ଜିଲା ଆଠଗଡର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ବୁଧବାର ବଡଓଷା ପର୍ବ ପାଳିତ ହୋଇଯାଇଛି। ଭୋର ୪ଟାରୁ ମନ୍ଦିର ପହୁଡ ଖୋଲାଯାଇ ଠାକୁରଙ୍କ ସ୍ନାନ ଓ ବିଭିନ୍ନ ନୀତି କରାଯିବା ପରେ ବଡସିଂହାର ବେଶରେ ସଜ୍ଜିତ କରାଯାଇଥିଲା। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ପୀଠରେ ୧୪୪ ଧାରା ଜାରି କରାଯାଇଥିବାରୁ ଭକ୍ତମାନେ ଠାକୁରଙ୍କୁ ଦର୍ଶନ ପାଇଁ ଆସି ନ ଥିଲେ। ବୁଧବାର ମଧ୍ୟରାତ୍ରିରୁ ରୋଷଗୃହରେ ସେବକମାନେ ଗଜଭୋଗ ଓ ତରଣ ପ୍ରସ୍ତୁତ କରିଥିଲେ। ବିଳମ୍ବିତ ରାତିରେ ପହଡ଼ ଖୋଲାଯାଇ ସ୍ନାନ ଓ ନୀତି କରାଯିବା ପରେ ଗୁରୁବାର ଭୋର ୪ଟା ମଧ୍ୟରେ ଗଜଭୋଗ ଓ ତରଣ ଠାକୁରଙ୍କ ନିକଟରେ ଲାଗି କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯିବ ବୋଲି ପୂଜକ ସମାଜ ସଭାପତି ବିଷ୍ଣୁଚରଣ ପତ୍ରୀ ସୂଚନା ଦେଇଛନ୍ତି। ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ତହସିଲଦାର ପ୍ରିୟବ୍ରତ ଦାସ ପୀଠରେ ଉପସ୍ଥିତ ରହି ଠାକୁରଙ୍କ ନୀତିକାନ୍ତି ଓ କଟକଣା ବ୍ୟବସ୍ଥା ତଦାରଖ କରିଥିଲେ।

## ସର୍ବନିମ୍ନ ସୁବିଧା ପାଉନାହାନ୍ତି ସଫେଇ କର୍ମଚାରୀ

**କଟକ ଅଫିସ,୧୭।୧୧**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସରକାରୀସ୍ତରରେ ଥିବା ସର୍ବନିମ୍ନ ସୁବିଧା ସୁଯୋଗ ସଫେଇ କର୍ମଚାରୀ ପାଉନାହାନ୍ତି। ଦୈନିକ ମଜୁରି ସମେତ ବାସଗୃହ, ଇପିଏଫ୍, ଇଏସ୍‌ଆଇ, ଛୁଟି ପ୍ରଦାନ କ୍ଷେତ୍ରରେ ଅନିୟମିତତା ଦେଖାଦେଇଛି। ବୁଧବାର ସିଏମ୍‌ସି ଅଞ୍ଚଳ ପରିଦର୍ଶନ ପରେ ମତବ୍ୟକ୍ତ କରିଛନ୍ତି ସଫେଇ କର୍ମଚାରୀ ଜାତୀୟ କମିଶନ ସଦସ୍ୟ ପି.ପି. ଭାଭା। ଏଥିସହ ସେ ଜିଲାରେ ଏମଏସ ଆକ୍ଟ,୨୦୧୩ କାର୍ଯ୍ୟକାରିତାକୁ ବୁଧବାର ସମୀକ୍ଷା କରିଛନ୍ତି। ପ୍ରଥମେ ସେ ସଫେଇ କର୍ମଚାରୀ ୟୁନିୟନ ପ୍ରତିନିଧିଙ୍କ ଦାବି ଶୁଣିଥିଲେ। ଏହାପରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି ପ୍ରଶାସକ ଅନିଲ ସାମଲ, କମିଶନର ଅନନ୍ୟା ଦାସ, ଡେପୁଟି କମିଶନର ସଞ୍ଜୀବିତା ରାୟ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ସିଏମ୍‌ସି ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଭା କହିଥିଲେ, ସିଏମ୍‌ସି ଅଞ୍ଚଳରେ ସଫେଇ କର୍ମଚାରୀମାନେ ଅବହେଳିତ ଅବସ୍ଥାରେ ଅଛନ୍ତି। କର୍ଣ୍ଣାଟକରେ ସଫେଇ କର୍ମଚାରୀଙ୍କୁ ଦୈନିକ ୭ରୁ ୮ ଶହ ଟଙ୍କା ମଜୁରି ପ୍ରଦାନ କରାଯାଉଥିବାବେଳେ ଏଠାରେ ଜଣେ କର୍ମଚାରୀ ୩ଶହରୁ ୩୨୦ଟଙ୍କା ପାଉଛନ୍ତି। ଠିକା ସଂସ୍ଥାଗୁଡିକ କର୍ମଚାରୀ ନିୟୋଜିତ କରିଥିଲେ ମଧ୍ୟ ସେମାନଙ୍କୁ ସରକାରୀ ସହାୟତା ମିଳିପାରୁନାହିଁ। ୫୦୦ କର୍ମଚାରୀ ସ୍ଥାୟୀ ଥିଲାବେଳେ ପ୍ରାୟ ୮୦୦ କର୍ମଚାରୀ ଠିକାସଂସ୍ଥା ଅଧୀନରେ କାମ କରୁଛନ୍ତି। ଚୁକ୍ତିଭିତ୍ତିକ ସଫେଇ କର୍ମଚାରୀଙ୍କୁ ବୀମା, ଇପିଏଫ୍ ଓ ଇଏସ୍‌ଆଇ ସୁବିଧା, ସ୍ୱାସ୍ଥ୍ୟକାର୍ଡ, ସରକାରୀ ଆବାସ ଯୋଗାଇ ଦେବା ସହ କର୍ମଚାରୀଙ୍କୁ ଠିକା ପରିବର୍ତ୍ତେ ନିୟମିତ କରିବାକୁ ସେ କହିଛନ୍ତି।




ଖବରଦାତା ସମ୍ମିଳନୀରେ ସଫେଇ କର୍ମଚାରୀ ଜାତୀୟ କମିଶନ ସଦସ୍ୟ ପିପି ଭାଭା ଉଦ୍‌ବୋଧନ ଦେଉଛନ୍ତି।

### ଠିକା କର୍ମଚାରୀଙ୍କ ସମସ୍ୟା ସମାଧାନ କରାଯିବ

**କଟକ ଅଫିସ,୧୭।୧୧**

ବିଭିନ୍ନ ସମସ୍ୟା ନେଇ ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି)ରେ କାର୍ଯ୍ୟରତ ଠିକା ସଫେଇ କର୍ମଚାରୀମାନେ କମିଶନର ଅନନ୍ୟା ଦାସଙ୍କୁ ଭେଟିଛନ୍ତି। ଏହି ଅବସରରେ ଏକ ଦ୍ୱିପାକ୍ଷିକ ବୈଠକ ସିଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କର ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଠିକା ସଫେଇ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବିଶେଷକରି ପ୍ରତିମାସର ୫ ତାରିଖରେ ସମସ୍ତଙ୍କୁ ମଜୁରି ପ୍ରଦାନ, ୫ବର୍ଷରୁ ଉର୍ଦ୍ଧ୍ୱ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ବର୍ଦ୍ଧିତ ମଜୁରି ସହ ଇପିଏଫ୍, ଇଏସ୍‌ଆଇ ପ୍ରଦାନ କରାଯିବା ଉପରେ ଆଲୋଚନା କରାଯାଇଥିଲା। ସଙ୍ଗଠନର ସଭାପତି ବିଜୟ ଭୂଷଣ ପତି ବୈଠକରେ ଉପରୋକ୍ତ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ଏହି ବୈଠକରେ ସଙ୍ଗଠନ ସମ୍ପାଦିକା ରୀନା ନାଏକ, ପ୍ରଭାତ ନାଏକ, ମିନତି ନାଏକ, ଅଜୟ ନାଏକ, ରାଜ ନାଏକ, ସପନା ନାଏକ ଓ ଅଶୋକ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ମିଳୁନି ଫନୀ ସହାୟତା, ଆନ୍ଦୋଳନ ଚେତାବନୀ

**କଣ୍ଟାପଡା,୧୭।୧୧(ଡି.ଏନ୍.ଏ.)**

କଣ୍ଟାପଡା ତହସିଲ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତରେ ଫନୀ କ୍ଷତିଗ୍ରସ୍ତଙ୍କୁ ବର୍ତ୍ତମାନ ସୁଦ୍ଧା ସହାୟତା ମିଳିନାହିଁ। ଏହାର ପ୍ରତିବାଦରେ ଆସନ୍ତା ୨୩ ତାରିଖରେ ଗୋବିନ୍ଦପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାଶ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସେ କଣ୍ଟାପଡା ତହସିଲଦାରଙ୍କୁ ଚିଠିଲେଖି ଜଣାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଫନୀ ପ୍ରଭାବରେ ଗୋବିନ୍ଦପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ପଞ୍ଚାୟତର ବହୁଲୋକ ଫନୀ ସହାୟତା ପାଇଥିବାବେଳେ ଆହୁରି ୫୬୮ ଜଣ ବଞ୍ଚିତ ହୋଇଛନ୍ତି। ସହାୟତା ପାଇଁ ସମ୍ପୃକ୍ତ ହିତାଧିକାରୀ ବାରମ୍ବାର କଣ୍ଟାପଡା ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଆସନ୍ତା ୨୨ତାରିଖ ଭିତରେ କୌଣସି ପଦକ୍ଷେପ ନିଆ ନ ଗଲେ ପରିସ୍ଥିତି ପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସରପଞ୍ଚ ଦାଶ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ମିତାଞ୍ଜଳି ଦାଶଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସିପୁନ୍



@ ସୁଜିତ



@ ଲୋକନାଥ



@ ଲିଜା



@ ରତିକାନ୍ତ



@ ସିଲୁ

## ପାଇଖାନା ନିର୍ମାଣକୁ ନେଇ ଉତ୍ତେଜନା

**କଟକ ସଦର, ୧୭।୧୧(ଡି.ଏନ୍.ଏ.)**

କିଶନନଗର ଥାନା ଅନ୍ତର୍ଗତ ତରିତୋ ଗ୍ରାମ ସାମଲସାହି ନିକଟ ମଣ୍ଡାବଣରେ ପାଇଖାନା ନିର୍ମାଣକୁ ନେଇ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା। ଗୋଚର କିସମ ଜମିରେ ୧ ଲକ୍ଷ ଟଙ୍କା ବ୍ୟୟରେ ଗୋଷ୍ଠୀ ପାଇଖାନା ନିର୍ମାଣ କରାଯାଉଛି। ଉକ୍ତ ସ୍ଥାନରେ ଗୋଟିଏ ଗୋଷ୍ଠୀ ପହଞ୍ଚି କାମ ବନ୍ଦ ପାଇଁ ଜିଦ୍ ଧରିଥିଲେ। ପରେ ଏହି କାମର ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଖବରପାଇ ଥାନା ଅଧିକାରୀ ସସ୍ମିତା ରଣା ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ତହସିଲଦାରଙ୍କ ବିନା ଅନୁମତିରେ କୌଣସି କାର୍ଯ୍ୟ ନ କରିବା ପାଇଁ ସପକ୍ଷବାଦୀକୁ ତାଗିଦ କରିଥିଲେ। କାରଣ ଏହି ସ୍ଥାନରେ କୌଣସି ନିର୍ମାଣ ନ କରିବାକୁ ତହସିଲ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ମାତ୍ର ପୋଲିସ ପହଞ୍ଚିବା ପୂର୍ବରୁ ପାଇଖାନା ଛାତ ପଡିଯାଇଥିଲା। ଉତ୍ତେଜନାକୁ ଦୃଷ୍ଟିରେ ରଖି ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି।




ମମିତା ମେହେରଙ୍କ ହତ୍ୟା ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଗିରଫ ସହ ତଦନ୍ତ ପରିସରଭୁକ୍ତ ପାଇଁ ଭୁବନେଶ୍ୱର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବୁଧବାର ମାଷ୍ଟରକ୍ୟାଣ୍ଟିନ ଛକରେ ଦସ୍ତଖତ ଅଭିଯାନ।



କଳାହାଣ୍ଡି ମମିତା ମେହେର ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ବୁଧବାର ମହିଳା ଅଧିକାର ଅଭିଯାନ (ମା’) ପକ୍ଷରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।




ପୁରୀଠାରେ ବୁଧବାର ବ୍ୟଙ୍ଗ ସାହିତ୍ୟିକ ମୋହନଦାସ ରତିକାନ୍ତ ରାଓ (ଏମ୍‌ଆର୍ କେଆର୍)ଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ସ୍ମରଣିକା ବାଇଟୁଙ୍ଗୁରି ଉନ୍ମୋଚନ କରାଯାଉଛି।